ବର୍ଷ-୨୫, ସଂଖ୍ୟା-୧୨୧
ଭୁବନେଶ୍ୱର
୦୪, ମଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 121
Bhubaneswar
04,May, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ପାକିସ୍ତାନ ସହ ବ୍ୟବସାୟ ବନ୍ଦ

**ନୂଆଦିଲ୍ଲୀ,୩।୫ :** ପହଲଗାମ ନରସଂହାର ପରେ ପାକିସ୍ତାନକୁ ଗୋଟିଏ ପରେ ଗୋଟିଏ ଝଟକା ଦେଇ ଚାଲିଛି ଭାରତ। ପ୍ରଥମେ ପାକିସ୍ତାନକୁ କୂଟନୀତିକ ଓ ଡିଜିଟାଲ ଝଟକା ଦିଆଯାଇଥିଲା। ଏବେ ପାକିସ୍ତାନକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଭାରତ ସରକାର ଗୋଟି ଚାଳନା କରିଛନ୍ତି। ଅଲଆଉଟ ସାମରିକ ଷ୍ଟ୍ରାଇକ ପୂର୍ବରୁ ଭାରତ ପକ୍ଷରୁ ପାକିସ୍ତାନକୁ ଚାରିପଟୁ ଘେରାବନ୍ଦୀ କରିବାକୁ ଚେଷ୍ଟା କରାଯାଉଛି।

ଭାରତର ଗୋଟିଏ ପରେ ଗୋଟିଏ ଝଟକା ଯୋଗୁ ଭୟରେ ଥରୁଥିବା ପାକିସ୍ତାନ କେବଳ ଯୁଦ୍ଧାଭ୍ୟାସ କରି ନୂଆଦିଲ୍ଲୀକୁ ନାଲି ଆଖି ଦେଖାଇ ଚାଲିଛି। ହେଲେ ଭାରତ ହାତରେ ନ ମାରି ଭାତରେ ମାରିବା ଭଳି ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

ପୂର୍ବରୁ ପାକିସ୍ତାନୀଙ୍କୁ ଭାରତ ମନା ହୋଇଥିଲା। ପାକିସ୍ତାନୀଙ୍କୁ ମିଳିଥିବା ଭିସାକୁ ଭାରତ ସରକାର ରଦ୍ଦ କରି ଏପ୍ରିଲ ୩୦ ସୁଦ୍ଧା ଦେଶ ଛାଡ଼ିବାକୁ କହିଥିଲେ। ଏହାପରେ ପାକିସ୍ତାନର ଏକାଧିକ ୟୁଟ୍ୟୁବ ଚ୍ୟାନେଲ ଭାରତରେ ବନ୍ଦ ହୋଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସେଲିବ୍ରେଟି ଓ କ୍ରିକେଟରଙ୍କ ସୋଶାଲ ମିଡିଆ ଆକାଉଣ୍ଟ ମଧ୍ୟ ଭାରତରେ ନିଷିଦ୍ଧ ହୋଇଛି। ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତି ଉପରେ ମଧ୍ୟ ଭାରତ ସରକାର ରୋକ ଲଗାଇଛନ୍ତି। ଏହାକୁ ନେଇ ପାକିସ୍ତାନ ବିଚଳିତ ହୋଇପଡ଼ିଛି।




ପାକିସ୍ତାନକୁ ଆମଦାନୀ ଓ ରପ୍ତାନୀକୁ ବ୍ୟାନ କରିଛନ୍ତି ଭାରତ ସରକାର। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ପାକିସ୍ତାନରୁ ଭାରତକୁ ହେଉଥିବା ସମସ୍ତ ପ୍ରକାରର ଆମଦାନୀ ପରୋକ୍ଷ ବା ପ୍ରତ୍ୟେକ୍ଷ ହେଉଥିଲେ ତା ଉପରେ ମଧ୍ୟ ରୋକ ଲଗାଯିବ। ଏପରିକି ପାକିସ୍ତାନୀ ଜାହାଜଗୁଡ଼ିକ ଆଉ ଭାରତୀୟ ବନ୍ଦର ବ୍ୟବହାର କରିପାରିବେ ନାହିଁ। ପାକିସ୍ତାନ ପତାକା ଲାଗିଥିବା ଜାହାଜ ଭାରତର କୌଣସି ବନ୍ଦର ବ୍ୟବହାର କରିପାରିବ ନାହିଁ କିମ୍ବା ଭାରତର ଜାହାଜ ଗୁଡ଼ିକ ମଧ୍ୟ ପାକିସ୍ତାନକୁ ପ୍ରବେଶ କରିବ ନାହିଁ ବୋଲି ଭାରତ ସରକାର ନିଷ୍ପତ୍ତି କରିଛନ୍ତି। ପୂର୍ବରୁ ପାକିସ୍ତାନ ବିମାନଗୁଡ଼ିକ ପାଇଁ ଭାରତ ସରକାର ଆକାଶ ପଥ ବନ୍ଦ କରିଥିଲେ।

ଆଜି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ବୈଦେଶିକ ବାଣଜ୍ୟ ନୀତି (ଏଫଟିପି)ରେ ଗୋଟିଏ ନୂଆ ନିୟମ ଯୋଡ଼ା ଯାଇ ପାକିସ୍ତାନରେ ଉତ୍ପାଦନ ହେଉଥିବା କିମ୍ବା ପାକିସ୍ତାନରୁ ରପ୍ତାନୀ ହେଉଥିବା ସମସ୍ତ ପ୍ରକାରର ପ୍ରତ୍ୟୋକ୍ଷ, ପରୋକ୍ଷ ଓ ଟ୍ରାଞ୍ଜିଟରେ ଥିବା ଜିନିଷ ଉପରେ ତତ୍କାଳ ଭାବେ ନିଷେଧାଦେଶ ଲାଗୁ କରାଯାଇଛି। ଜାତୀୟ ସୁରକ୍ଷା ଓ ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏପରି ବ୍ୟବସ୍ଥା ଅଣାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ସେହିପରି ପଣ୍ୟବାହୀ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ପାକିସ୍ତାନ ପତାକା ଥିବା କୌଣସି ଜାହାଜକୁ ଭାରତୀୟ ବନ୍ଦରଗୁଡ଼ିକର ବ୍ୟବହାର ପାଇଁ ଅନୁମତି ମିଳିବ ନାହିଁ। ଭାରତୀୟ ସମ୍ପତ୍ତି, କାର୍ଗୋ ଓ ଯୋଗାଯୋଗ ଭିତ୍ତିଭୂମିର ସୁରକ୍ଷା ପାଇଁ ଏପରି ପଦକ୍ଷେପ ନିଆଯାଇଛି।

ପାକିସ୍ତାନ ଓ ଭାରତ ମଧ୍ୟରେ ତିକ୍ତତା ବଢୁଥିବା ବେଳେ ବାଣିଜ୍ୟ ଏଥିରେ ପ୍ରଥମେ ବଳି ପଡ଼ିଛି। ଭାରତ ପକ୍ଷରୁ ପୂର୍ବରୁ ହିଁ ଦୁଇ ଦେଶ ମଧ୍ୟରେ ଥିବା ଏକମାତ୍ର ସ୍ଥଳ ପଥ ଅଟ୍ଟାରୀ-ୱାଘା ସୀମାକୁ ବନ୍ଦ କରିବାକୁ ଘୋଷଣା କରାଯାଇ ସାରିଛି। ଯେସାକୁ ତେସା ନୀତିରେ ପାକିସ୍ତାନ ମଧ୍ୟ ଭାରତ ସହ ସବୁ ପ୍ରକାରର ବାଣିଜ୍ୟ ସମ୍ପର୍କକୁ ଛିନ୍ନ କରିଛି। ଦୁଇ ଦେଶ ମଧ୍ୟରେ ସିଧାସଳଖ ବାଣିଜ୍ୟ ସମ୍ପର୍କ ପୂର୍ବରୁ ହିଁ ଟଳମଳ ସ୍ଥିତିରେ ରହିଥିଲା। ୨୦୧୯ ପୁଲୱାମା ହମଲାରେ ୪୦ ଜଣ ଯବାନ ସହିଦ ହେବା ପରେ ଭାରତ ସରକାର ପାକିସ୍ତାନ ଠାରୁ ମୋଷ୍ଟ ଫେଭରଡ ନେଶନ ବା ସବୁଠାରୁ ଅଧିକ ପସନ୍ଦର ଦେଶ ମାନ୍ୟତା ପ୍ରତ୍ୟାହାର କରି ନେଇଥିଲେ। ଏଥିଯୋଗୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟକ ସମ୍ପର୍କ ହ୍ରାସ ପାଇଥିଲା।

ତଥାପି ୨୦୨୩-୨୪ରେ ଅଟ୍ଟାରୀ-ୱାଘା ସୀମାରେ ୩,୮୮୬.୫୩ କୋଟିର ବ୍ୟବସାୟିକ କାରବାର ହୋଇଥିଲା। ଏବେ ଭାରତ ନେଇଥିବା ପଦକ୍ଷେପ ପାକିସ୍ତାନର ଛୋଟ ଛୋଟ ବ୍ୟବସାୟୀ ଓ ଉତ୍ପାଦନକାରୀଙ୍କ ଉପରେ ଗଭୀର ଭାବେ ପ୍ରଭାବ ପକାଇବ।

## ମେଡିକାଲ କଲେଜରେ ଆଡମିସନ ନାଁରେ ଠକେଇ : ୪ ଗିରଫ




**ଭୁବନେଶ୍ୱର,୩।୫ (ମହାଭାରତ):** ମେଡିକାଲ କଲେଜରେ ଆଡମିସନ କରାଇଦେବାକୁ କହି ଠକେଇ କରିଥିବା ଅଭିଯୋଗରେ ସ୍ପେଶାଲ କ୍ରାଇମ୍ ୟୁନିଟ ଦ୍ୱାରା ୪ ଆନ୍ତ ରାଜ୍ୟ ଠକଙ୍କୁ ଗିରଫ କରିଛି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁଲିସ କମିସନର ଏସ ଦେବଦତ୍ତ ସିଂ।

ଅଭିଯୁକ୍ତମାନଙ୍କ ଠାରୁ ୯୪ ଲକ୍ଷ ଟଙ୍କାର ଚେକ୍ ଓ ଗୋଟିଏ ବ୍ଲାଙ୍କ ଚେକ୍ ଜବତ ହୋଇଛି। ଏମାନେ ଘରୋଇ ମେଡିକାଲ କଲେଜରେ ଆଡମିସନ କରାଇଦେବାକୁ କହି ଆଶାୟୀ ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କା ନେଇଥିଲେ। ଅସଲି ପରୀକ୍ଷାର୍ଥୀ ବଦଳରେ ନକଲି ପରୀକ୍ଷାର୍ଥୀ ବସାଇବାକୁ କହି ଟଙ୍କା ନେଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରେ ଦୁଇଜଣ ଓଡ଼ିଶାର ଥିବା ବେଳେ ଜଣେ ଝାଡ଼ଖଣ୍ଡ ଏବଂ ବିହାରର ରହିଛନ୍ତି। କଡ଼ା ପଦକ୍ଷେପ ସତ୍ତ୍ୱେ ଏପରି କେମିତି ଯୋଜନା କରିଥିଲେ ସେନେଇ ତଦନ୍ତ କରୁଛି ପୋଲିସ।

ସେ କହିଛନ୍ତି, ଅଭିଯୁକ୍ତମାନଙ୍କଠାରୁ ୯୪ ଲକ୍ଷ ଟଙ୍କାର ଚେକ୍ ଓ ଗୋଟିଏ ବ୍ଲାଙ୍କ ଚେକ୍ ଜବତ ହୋଇଛି। ଏମାନେ ଘରୋଇ ମେଡିକାଲ କଲେଜରେ ଆଡମିସନ କରାଇଦେବାକୁ କହି ଆଶାୟୀ ଛାତ୍ରଛାତ୍ରୀଙ୍କଠୁ ଟଙ୍କା ନେଇଥିଲେ।

## ବ୍ରିଜ ନିର୍ମାଣ ସ୍ଲାବ୍ ଖସି ୩ ମୃତ



**କଟକ,୩।୫(ମହାଭାରତ):** କଟକର ଖାନ୍‌ନଗର ଠାରେ ବ୍ରିଜ ନିର୍ମାଣ ବେଳେ ସ୍ଲାବ୍ ଖସିପଡ଼ିବାରୁ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ଆହତ ହୋଇ ଏସସିବିରେ ଚିକିତ୍ସିତ ହେଉଛନ୍ତି। ମୃତ ଶ୍ରମିକମାନେ ହେଲେ ସୌମ୍ୟରଂଜନ, ଶିବଶଙ୍କର ପଟ୍ଟନାୟକ ଓ ସୁବାଷ ଭକ୍ତ। ସେହିପରି ଆହତମାନେ ହେଲେ ଅରୁଣ ବାରିକ ଓ ବିକଳ ଜେନା।

ଦୁର୍ଘଟଣା ସମ୍ପର୍କରେ କଟକ ଡିସିପି କହିଛନ୍ତି ଖାନନଗରରେ ନିର୍ମାଣାଧୀନ ବ୍ରିଜରେ ବ୍ୟବହାର ହୋଇଥିବା କ୍ରେନ୍ ଫେଲ୍ ହେବାରୁ ଅଘଟଣ ଘଟିଛି। ୫ଜଣ ଶ୍ରମିକ ଆହତ ହୋଇଥିଲେ। ଶ୍ରମିକମାନଙ୍କ ମଧ୍ୟରୁ କିଛି ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ଆହତମାନଙ୍କୁ ଆମର ଟିମ୍ ତୁରନ୍ତ ଏସ୍‌ସିବିକୁ ସ୍ଥାନାନ୍ତରିତ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ।

ଖାନନଗରରେ କାଠଯୋଡ଼ିରେ ବ୍ରିଜ୍ କାମ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଏକ ଘରୋଇ କଂପାନିକୁ ଦାୟିତ୍ୱ ଦିଆଯାଇଛି। ଶନିବାର ଅପରାହ୍ଣ ସମୟରେ ଅଘଟଣ ଘଟିଥିଲା। ବ୍ରିଜ୍ ଉପରେ କିଛି ଶ୍ରମିକ କାମ କରୁଥିବା ବେଳେ ଅନ୍ୟମାନେ ବ୍ରିଜ୍ ତଳେ ଥିଲେ। ଅଚାନକ ବ୍ରିଜ୍ ଉପରୁ ସ୍ଲାବ ପଡ଼ିଯିବା କାରଣରୁ ୫ ଜଣ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣ ଶ୍ରମିକଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଅନ୍ୟ ୨ ଜଣଙ୍କର ଚିକିତ୍ସା ଜାରି ରହିଛି।

ଅଘଟଣ ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଦୁର୍ଘଟଣାରେ ଆହତଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇବା ସହ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

କଟକରେ ନିର୍ମାଣଧିନ ବ୍ରିଜ୍ ଅଘଟଣରେ ମୃତାହତ ଖବରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ଆତ୍ମାର ସଦଗତି ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ନବୀନ।

ଏକ୍ସରେ ନବୀନ ପଟ୍ଟନାୟକ ଲେଖିଛନ୍ତି କଟକରେ ନିର୍ମାଣଧିନ ବ୍ରିଜ୍ ଅଘଟଣରେ ତିନି ଜଣଙ୍କର ମୃତ୍ୟୁ ହେବା ସହ ଦୁଇ ଜଣ ଆହତ ହୋଇଥିବା ଖବର ଶୁଣି ଅତ୍ୟନ୍ତ ଦୁଃଖିତ। ମୃତକଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଏଥିସହିତ ମହାପ୍ରଭୁଙ୍କ ନିକଟରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

## ଏମ୍ସର ବିକାଶ ପାଇଁ ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୫(ମହାଭାରତ):** ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷ ଡ. ଶୈଳେଶ କୁମାର ଗତକାଲି ଲୋକସେବା ଭବନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ, ଡ. ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ଅନୁଷ୍ଠାନର ସମ୍ପ୍ରସାରଣ ଉପରେ ଧ୍ୟାନ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ବିଷୟ ଉପରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ କରିବା ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ପାଇଁ ଅତିରିକ୍ତ ଜମି ଯୋଗାଇବା ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଂଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ନଗର ନିଗମ (ବିଏମସି) ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଡ. ବିଶ୍ୱାସ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହିତ



କରିବା ଏବଂ ଅଂଚଳ ତଥା ଦେଶ ସେବା କରିବା ପାଇଁ ଡାକ୍ତରୀ ବୃତିଗତମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଏମ୍ସ ଭୁବନେଶ୍ୱରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ପରିବର୍ତ୍ତନ କରିବାରେ ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା ଉଭୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ଏହା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଜ୍ଞାନକୌଶଳପୂର୍ଣ୍ଣ ବୈଠକ ଥିଲା, ଯେଉଁଠାରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପ୍ରତିଷ୍ଠାନ ବିକାଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ବୋଲି, ଡ. ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍ ଙ୍କୁ ମଧ୍ୟ ଭେଟି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଅନେକ ଦିଗ ଉପରେ ଆଲୋଚନା କରିଥିଲେ।

## ରାଜାଚକ୍ର ଓକିଲଙ୍କ ବିରୋଧରେ ମାନହାନି ମକଦ୍ଦମା

**ବାଲେଶ୍ୱର,୩।୫(ମହାଭାରତ):** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆର୍ଥିକ ଅନିୟମିତତା ମାମଲାରେ ଛନ୍ଦି ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜାଙ୍କ ଓକିଲ



ସୀତାଂଶୁ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାୟର କଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ ଆଜି ବାଲେଶ୍ୱର ଏସଡିଜେଏମ କୋର୍ଟରେ ସୀତାଂଶୁ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାୟର କରିଛନ୍ତି। ଏହାପରେ ସେ ଗଣମାଧ୍ୟମକୁ କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ। କେବଳ ରାଜ୍ୟରେ ବିଜେପିକୁ ନିନ୍ଦିତ କରିବା ଲାଗି ଉଦ୍ଦେଶ୍ୟମୂଳକ ଭାବେ ସୌମ୍ୟଶଙ୍କର ଚକ୍ର ଓରଫ ରାଜାଙ୍କ ଓକିଲ ସୀତାଂଶୁ ଦ୍ୱିବେଦୀ ବୟାନବାଜି କରିଛନ୍ତି।


## ସମସ୍ତ ନିଯୋଗକୁ ଶ୍ରୀମନ୍ଦିର ପ୍ରଶାସନର ନୋଟିସ

**ଭୁବନେଶ୍ୱର,୩।୫(ମହାଭାରତ):** ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କଲିକତା ଦୀଘା ଜଗନ୍ନାଥ ମନ୍ଦିରକୁ ଦାରୁ ନେଇଯିବା ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ନୀତି ପ୍ରଶାସକ ଏହି ବୈଠକରେ ଅଧକ୍ଷତା କରିଥିଲେ। ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ବାଡଗ୍ରାହୀମାନେ ବୈଠକରେ ସାମିଲ ଥିଲେ। ସମସ୍ତ ସେବାୟତ ନିଯୋଗର ସଭାପତି ଓ ସମ୍ପାଦକଙ୍କୁ ନୋଟିସ୍ କରିଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ। ଏହି ପ୍ରସଙ୍ଗରେ ଆସନ୍ତାକାଲି ସୁଦ୍ଧା ଲିଖିତ ଉତ୍ତର ରଖିବାକୁ ନୋଟିସ୍ ହୋଇ କାଲି ସନ୍ଧ୍ୟା ୫ଟା ସୁଦ୍ଧା ଲିଖିତ ଭାବେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଏବଂ ଦାରୁ କାଠରୁ ଦୀଘା ମନ୍ଦିର ମୂର୍ତ୍ତିରେ ବ୍ୟବହାର କରାଯିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ଘଟଣାକୁ ନେଇ ଆଲୋଚନା ହେଉଛି, ସେ ସବୁ ସତ କି ମିଛ, ତାହା ତଦନ୍ତ ସରିବା ପରେ ଜଣାପଡ଼ିବ। ଜଗନ୍ନାଥଙ୍କ ଦାରୁର ବଳକା କାଠରେ ମୂର୍ତ୍ତୀ ତିଆରି କରି ବାହାରକୁ ନେବା। ଏ ସବୁ ବାବଦରେ ଚର୍ଚ୍ଚା ଆଲୋଚନା ହେଉଛି। ତେବେ କିଏ କେଉଁ ମନ୍ଦିରକୁ ଗଲେ ତାହା ଧର୍ତବ୍ୟ ନୁହେଁ। କିନ୍ତୁ ଠାକୁରଙ୍କ ବଳକା କାଠକୁ କେଉଁଠି ନେଇ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। ମହାପ୍ରଭୁ ଜଗନ୍ନାଥଙ୍କ ଧାମ ସହ ବିଶ୍ୱର କୌଣସି ଜଗନ୍ନାଥ ମନ୍ଦିରକୁ ତୁଳନା କରିବା ଆପ୍ରସଙ୍ଗିକ ଏବଂ ଅଗ୍ରହଣୀୟ। ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି।

## ସବୁଜ ଶକ୍ତିକୁ ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୩।୫ (ମହାଭାରତ):** ଅକ୍ଷୟ ଶକ୍ତି ଲାଗି ନିଆଯାଇଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କଲେ ମହାମହିମ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି। ଏହାକୁ ଉପଯୋଗ କରିବା ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି ରାଜ୍ୟପାଳ। ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜଭବନରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସଂପର୍କରେ ମହାମହିମ ରାଜ୍ୟପାଳ ସୂଚନା ଦେଇଛନ୍ତି। ରାଜ୍ୟପାଳଙ୍କ କାରକେଡ଼ରେ ଇ-କାରର ବ୍ୟବହାର। ରାଜଭବନ ପରିସରରେ ୧୫୦ କିଲୋୱାଟ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଖୁବ୍‌ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ୍ ପ୍ଲାଣ୍ଟ ସ୍ଥାପିତ ହେବାକୁ ଯାଉଛି। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍ - ଜିରୋ ଶକ୍ତି କ୍ୟାମ୍ପସ୍ କରିବ। ରାଜଭବନରେ ଇ-ବାଇକର ବ୍ୟବହାର କରାଯାଇଛି। ୫୦ ହଜାର ୟୁନିଟ ସଂରକ୍ଷଣ ହେଉଛି ଏବଂ ୧୬ ହଜାର ୟୁନିଟ ଅକ୍ଷୟ ଶକ୍ତି ଦ୍ୱାରା ଆସିପାରୁଛି। ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ପ୍ରମୁଖ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ପ୍ରଧାନମନ୍ତ୍ରୀ କୁସୁମ ଯୋଜନା ଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ କେନ୍ଦ୍ର ସରକାର ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ ହଜାର ଟଙ୍କା ଅତିରିକ୍ତ ସବ୍ସିଡି ପ୍ରଦାନ କରୁଛନ୍ତି। ଏହି ଆର୍ଥିକ ସହାୟତା ସର୍ବାଧିକ ୩ କିଲୋୱାଟ କ୍ଷମତା ପର୍ଯ୍ୟନ୍ତ ସ୍ଥାପନ ପାଇଁ ଉପଲବ୍ଧ ରହିଛି। ଓଡ଼ିଶାରେ ଏହି ଯୋଜନାକୁ ଅଧିକ ପ୍ରସାରିତ କରିବା ପାଇଁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ପ୍ରଥମ ଓ ଦ୍ୱିତୀୟ କିଲୋୱାଟ ପାଇଁ ୨୫ ହଜାର ଟଙ୍କା ଲେଖାଏଁ ଏବଂ ତୃତୀୟ କିଲୋୱାଟ ପାଇଁ ୧୦ ହଜାର ଟଙ୍କା ଅତିରିକ୍ତ ସବ୍ସିଡି ପ୍ରଦାନ କରି ସକ୍ରିୟ ପଦକ୍ଷେପ ନେଇଛନ୍ତି। ୩ କିଲୋୱାଟ ସୌର ଶକ୍ତି ବ୍ୟବସ୍ଥା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସର୍ବାଧିକ ସବ୍ସିଡ ବ୍ୟବସ୍ଥା ୧ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ରାଜ୍ୟପାଳ ଡ. କମ୍ଭମପାଟି କେବଳ ପ୍ରଥମ ଥର ପାଇଁ ନବୀକରଣୀୟ ଶକ୍ତିର ସମର୍ଥନ କରିନାହାନ୍ତି। ୨୦୧୪ରେ ସାଂସଦ ଥିବା ବେଳେ ସଂସଦରେ ତାଙ୍କର ପ୍ରଥମ ଅଭିଭାଷଣ ସମୟରେ ସ୍ଥାୟୀ ଶକ୍ତି ସମାଧାନ ପାଇଁ ନବୀକରଣୀୟ ଶକ୍ତିର ଉପଯୋଗକୁ ଦୃଢ଼ ସମର୍ଥନ କରିଥିଲେ। ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ବଜେଟକୁ ସମର୍ଥନ କରିବା ସମୟରେ ଡ. କମ୍ଭମପାଟି ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରି ଏବଂ ଇଥାନଲ ମିଶ୍ରିତ ଇନ୍ଧନ ଏବଂ ବୈଦୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଭାରତର ବାଣିଜ୍ୟ ନିଅଣ୍ଟକୁ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସରକାରଙ୍କୁ ବିଦ୍ୟୁତ ଯାନ ପାଇଁ ଟିକସ୍ ପ୍ରୋତ୍ସାହନ ପ୍ରଦାନ କରିବାକୁ ଏବଂ ଡିଜେଲ ଜେନେରେଟର ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସୌର ଜେନେରେଟର ଭଳି ନବୀକରଣୀୟ ଶକ୍ତି ମାଧ୍ୟମରେ ଘରୋଇ ବିଦ୍ୟୁତ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଅନୁରୋଧ କରିଥିଲେ, ଯାହା ଫଳରେ ବିତ୍ତୀୟ ନିଅଣ୍ଟ ହ୍ରାସ ପାଇବ ଏବଂ ବୈଦୁତିକ ମୁଦ୍ରା ସଂରକ୍ଷଣ କରିବାରେ ସାହାଯ୍ୟ କରିବ ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଅଧିକ ଇଲେକ୍ଟ୍ରି ଗାଡି ବ୍ୟବହାର ପାଇଁ ଖୁବଶୀଘ୍ର ଆସିବ ନୂଆ ଇଭି ପଲିସି। ସରକାରୀ ଅଫିସରଙ୍କ ବାସଭବନରେ ସୌର ପ୍ୟାନେଲ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ସମସ୍ତ ସରକାରୀ କର୍ମଚାରୀ ଇଭି ଗାଡି ବ୍ୟବହାର କରିବା ଉଚିତ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ନବୀକରଣୀୟ ଶକ୍ତିର ବହୁଳ ଉପଯୋଗ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ, ପ୍ରବର୍ତ୍ତିତ ହୋଇଥିବା ବିଭିନ୍ନ ଯୋଜନା ଏବଂ ଉପଲବ୍ଧ ରିହାତି ସଂପର୍କରେ ଆଲୋକପାତ କରିଥିଲେ। ରାଜ୍ୟର ସରକାରୀ କାର୍ଯ୍ୟାଳୟରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଲାଗିବ ସୌର ପ୍ୟାନେଲ। ବର୍ତ୍ତମାନ କଟକ ଭୁବନେଶ୍ୱର କାର୍ଯ୍ୟାଳୟ ଗୁଡିକରେ ଲଗାଯାଇଛି ବୋଲି ବିଶାଳ ଦେବ କହିଥିଲେ।



## ଫୁଲ କୋବି ମଞ୍ଚୁରିଆନ୍

ଆବଶ୍ୟକ ସାମଗ୍ରୀ: ଫୁଲ କୋବି, ମଇଦା, କର୍ଣ୍ଣ ଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଲୁଣ, ତେଲ

ମଞ୍ଚୁରିଆନ୍ ସସ୍ ପାଇଁ: ସରୁସରୁ ହୋଇ କଟା ହୋଇଥିବା ରସୁଣ, ଅଦା, କଞ୍ଚା ଲଙ୍କା, କ୍ୟାପ୍ସିକମ, ପିଆଜ, ସୋୟା ସସ, ରେଡ୍ ଚିଲି ସସ, ଭିନେଗାର, ଟମାଟୋ ସସ୍, ଚିନି ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: କୋବିକୁ ମଧ୍ୟମ ସାଇଜର ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଏହାକୁ ଗରମ ପାଣିରେ ୫ ମିନିଟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଏହାକୁ ଛାଣି ରଖିଦିଅନ୍ତୁ। ଏବେ ଏକ ପାତ୍ରରେ ମଇଦା, କର୍ଣ୍ଣ ଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ।



ଏ ମିଶ୍ରଣ ବହଳିଆ ହେବ। ଏବେ ଏଥିରେ କୋବି ଖଣ୍ଡଗୁଡ଼ିକୁ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଚୁଲିରେ ପ୍ୟାନ ବସାଇ ମଧ୍ୟମ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ କୋବି ଖଣ୍ଡ ଗୁଡିକୁ ପକାଇ ସୁନେଲି ରଙ୍ଗ ହେବ ଯାଏ ଅପେକ୍ଷା କରନ୍ତୁ ଓ ପରେ ଛାଣି ଆଣନ୍ତୁ। ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ଏଥିରେ କଟା ଅଦା, ରସୁଣ ଓ ଲଙ୍କା ପକାଇ ୧ ରୁ ୨ ମିନିଟ ଯାଏ ଭାଜନ୍ତୁ । ବେଶୀ ଭଜିବେ ନାହିଁ। ନଚେତ ମଞ୍ଚୁରିଆନ୍ ପିତା ଲାଗି ପରେ। ଏବେ ଥିରେ ସରୁ ସରୁ ହୋଇ ହୋଇଥିବା ପିଆଜ ଓ କ୍ୟାପ୍ସିକମ୍ ପକାଇ ୧ରୁ ୨ ମିନିଟ ଯାଏ ଭାଜନ୍ତୁ। ପରେ ସେଥିରେ ସୋୟା ସସ୍ ପକାଇ ହାଲକା ଭାଜନ୍ତୁ। ଏଥିରେ ରେଡ୍ ଚିଲି ସସ, ଟମାଟୋ ସସ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏଥିରେ କିଛି ପାଣି ଦେଇ ଭଲଭାବେ ଗୋଳାନ୍ତୁ । ଏଥିରେ ଗୋଲ ମରିଚ ଗୁଣ୍ଡ ପକାନ୍ତୁ। ସସ ବହଳିଆ ହେବା ଯାଏ ମଧ୍ୟମ ଆଞ୍ଚରେ ରାନ୍ଧନ୍ତୁ। ପରେ ଆଞ୍ଚ ବନ୍ଦ କରି ସସର ସ୍ୱାଦ ଚାଖନ୍ତୁ। ଆବଶ୍ୟକ ପଡିଲେ ନିଜ ସ୍ୱାଦ ଅନୁସାରେ ଲୁଣ ଦେଇ ପାରନ୍ତିୟ ସସକୁ ୨ ରୁ ୩ ମିନିଟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଭଜା ହୋଇ ରଖିଥିବ କୋବି ଖଣ୍ଡକୁ ପକାଇ ଭଲଭାବରେ ଗୋଳାନ୍ତୁ। ଏବେ ଏହାକୁ ପ୍ଲେଟକୁ କାଢି ଭାତ କିମ୍ବା ରୁଟି ସହ ପରଷନ୍ତୁ।


ଖବର

# 'ଫୁଲେ'କୁ ସମର୍ଥନ କରି କରମୁକ୍ତ କରିବାକୁ ଦାବି କଲେ କେନ୍ଦ୍ରମନ୍ତ୍ରୀ



ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର 'ଫୁଲେ'କୁ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ ପ୍ରଶଂସା କରିଛନ୍ତି। ମେ' ୧, ୨୦୨୫ରେ ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ, ଅଠାୱଲେ ଚଳଚ୍ଚିତ୍ରଟିକୁ ସାମାଜିକ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ସେ ଏହାକୁ ସମସ୍ତଙ୍କ ପାଇଁ, ବିଶେଷକରି ସାଂସଦ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ନିଶ୍ଚିତ ଭାବରେ ଦେଖିବା ଉଚିତ ବୋଲି କହିଥିଲେ। ଏହି ସିନେମାଟି ୨୫ ଏପ୍ରିଲ ୨୦୨୫ରେ ମୁକ୍ତିଲାଭ କରିଥିଲା। ହେଲେ ଏହାର କାହାଣୀକୁ ନେଇ ବିବାଦ ହେବାରୁ ରିଲିଜ୍ ଘଞ୍ଚିଥିଲା। ଏବେ ଫିଲ୍ମ ରିଲିଜ୍ ହେବା ପରେ ଦର୍ଶକଙ୍କୁ ଏହା ବହୁତ ପସନ୍ଦ ଆସୁଥିବା ଜଣାଯାଇଛି। 'ଫୁଲେ' ହେଉଛି ମହାତ୍ମା ଜ୍ୟୋତିବା ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ଉପରେ ଆଧାରିତ, ଯେଉଁମାନେ ୧୯ଶତାବ୍ଦୀର ଭାରତରେ ଜାତିବାଦ, ନିରକ୍ଷରତା ଏବଂ ଲିଙ୍ଗଗତ ଅସମାନତା ବିରୋଧରେ ଲଢ଼ିଥିଲେ। ଏହି ଚଳଚ୍ଚିତ୍ରଟି ଅନନ୍ତ ମହାଦେବନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଏଥିରେ ପ୍ରତୀକ ଗାନ୍ଧୀ ଓ ପତ୍ରଲେଖା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହା ବ୍ୟତୀତ ବିନୟ ପାଠକ, ସୁରେଶ ବିଶ୍ୱକର୍ମା ଏବଂ ଦର୍ଶୀଲ ସଫାରୀ ଭଳି କଳାକାର ମଧ୍ୟ ଫିଲ୍ମରେ କାମ କରିଛନ୍ତି।

## ରାଧାଙ୍କୁ କୃଷ୍ଣଙ୍କ ଉପହାର



କୃଷ୍ଣଙ୍କ ଗୋପଲୀଳା ବିଷୟରେ ତ ଅଳ୍ପ-ବହୁତ ଜ୍ଞାନ ନିଶ୍ଚୟ ଥିବ। ସାରା ଗୋପବାସୀଙ୍କୁ ନିଜର ସ୍ନେହରେ ବାନ୍ଧି ଦେବା ପରେ ଗୋପ ଛାଡ଼ି ମଥୁରା ଯିବା ବେଳେ କୃଷ୍ଣଙ୍କୁ ଝୁରି ଖାଲି ଗୋପବାସୀ କାହିଁକି, ଯମୁନା ଓ କଦମ୍ବ ବି ଲୁହ ଝରାଉଥିଲେ। ମାମୁ କଂସ ମଥୁରାରେ ଧନୁଯାତ୍ରା କରି କପଟରେ ଭଣଜା କୃଷ୍ଣଙ୍କୁ ଯାତ ଦେଖି ଯିବାକୁ ଡକାଇ ପଠାଇଥିଲେ। ମାମୁ ଡାକରା ପାଇବା ମାତ୍ରେ ଗୋପଛାଡ଼ି ମଥୁରା ଯିବାକୁ ପ୍ରସ୍ତୁତ ହେଉଥାନ୍ତି କୃଷ୍ଣ। କୃଷ୍ଣଙ୍କ ବହାରିବା ମାତ୍ରେ ସାରା ଗୋପବାସୀ କୃଷ୍ଣଙ୍କ ପଥ ଅବରୋଧ କରି ଅଟକାଇବାକୁ ଲାଗିଲେ। ମାତ୍ର ସେମାନଙ୍କ ମେଳରେ ରାଧା ନ ଥିଲେ। ରାଧାଙ୍କୁ ମନେ ମନେ ଖୋଜୁଥିଲେ ମୁରଲୀଧର। ଅଧାବାଟ ଯିବା ପରେ ବାଟରେ ଠିଆ ହୋଇଥିଲେ ରାଧା । ହାତରେ ଧରି ଥିଲେ ଅର୍ଘ୍ୟ ଥାଳି। କୃଷ୍ଣଙ୍କୁ ବନ୍ଦାପନା କରି ବିଦା ଦେବା ବେଳେ କୃଷ୍ଣ ରାଧାକୁ କହିଲେ କି, ତୁମେ ମୋତେ ଅଟକାଇବନି ତ ରାଧେ ? ରାଧା ଯାହା କହିଥିଲେ କୃଷ୍ଣ ସେଥିରେ ଖୁବ୍ ଆନନ୍ଦିତ ହୋଇଥିଲେ। ରାଧା କହିଥିଲେ କି, "ସଂକୀର୍ଣ୍ଣ ସ୍ୱାର୍ଥଠାରୁ ସମୂହ ସ୍ୱାର୍ଥ ମହାନ ହୋଇଥାଏ। ମୋ ଖୁସି ପାଇଁ ମୁଁ ଜଗତ ମଙ୍ଗଳ ପାଇଁ ବାହାରୁଥିବା କୃଷ୍ଣଙ୍କୁ ଅଟକାଇବି ନାହିଁ। ଜଗତ କଲ୍ୟାଣ ପାଇଁ ଯାହାଙ୍କ ଜନ୍ମ ସେ କଲ୍ୟାଣ ହିଁ କରନ୍ତ। ମୋ ପ୍ରେମ ପାଇଁ ମୁଁ ସ୍ୱାର୍ଥୀ ହୋଇପାରିବି ନାହିଁ।' ରାଧାଙ୍କ ମୁହଁରୁ ଏକଥା ଶୁଣିବା ପରେ କୃଷ୍ଣ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ। ସେ ତାଙ୍କୁ ଏକ ସୁନ୍ଦର ଉପହାର ଦେଇଥିଲେ। ଯାହା ଆଜି ବି ରାଧାଙ୍କ ସହ ରହିଛି। କୃଷ୍ଣ ଦେଇଥିବା ଉପହାରଟି ହେଉଛି ତାଙ୍କ ନାମ। କୃଷ୍ଣଙ୍କ କହିଥିଲେ , "ହେ ରାଧେ ଆଜିଠାରୁ ମୋ ନାମ ପୂର୍ବରୁ ଲୋକେ ତୁମ ନାମ ନେବେ। ମୋ ନାମ ସହ ତୁମ ନାମ ବି ଅମର ହେବ। ଆଜିଠାରୁ ଲୋକେ କୃଷ୍ଣ-ରାଧା ନୁହେଁ ବରଂ ରାଧା-କୃଷ୍ଣ କହିବେ। ମୋଠାରୁ ଆଗ ତୁମେ ଆସିବ।' ବିଶ୍ୱାସ କରାଯାଏ ସେଦିନ ଠାରୁ ଉଭୟଙ୍କ ନାମକୁ ଯେତେବେଳେ ବି ଏକତ୍ର ଉଚ୍ଚାରଣ କରାଯାଏ, ପ୍ରଥମେ କୃଷ୍ଣଙ୍କ ନାମ ବଦଳରେ ରାଧାଙ୍କ ନାମ ନିଆଯାଏ।

# ପିତ୍ତଳ ବାସନର ଚମତ୍କାରୀ ଲାଭ

ପିତ୍ତଳ ବାସନ ଓ ପାତ୍ର ଘରେ ରଖିବା ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ପିତ୍ତଳ ପାତ୍ରରେ ପ୍ରସ୍ତୁତ ଭୋଜନ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକାରକ। ଏହା ଶରୀରକୁ ଆରୋଗ୍ୟ ରଖିବା ସହ ଆବଶ୍ୟକ ପରିମାଣରେ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ବାସନ ତୁଳନାରେ ଏହି ବାସନ ଖୁବ ଶକ୍ତ। ପିତ୍ତଳ କଳସରେ ରଖାଯାଇଥିବା ଜଳ ଶରୀରକୁ ଖୁବ ଶକ୍ତି ପ୍ରଦାନ କରିବା ସହ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ପିତ୍ତଳ ବାସନ ମଧ୍ୟରେ ଥାଳି, ପାତ୍ର, ଗ୍ଲାସ, ଲୋଟା, ଦେବାଦେବୀଙ୍କ ମୂର୍ତ୍ତି, ସିଂହାସନ, ଘଣ୍ଟ, ବିଭିନ୍ନ ବାଦ୍ୟଯନ୍ତ୍ର ଆଦି ରହିଛି। ଜାଣନ୍ତୁ ପିତ୍ତଳ ବାସନ ସହ ଜଡିତ କିଛି ସରଳ ଉପାୟ ବିଷୟରେ.



■ ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ପିତ୍ତଳର ଏକ ପାତ୍ରରେ ଚଣା ବତୁରାଇ ରାତି ସାରା ନିଜ ମୁଣ୍ଡରେ ନିକଟରେ ରଖନ୍ତୁ। ସକାଳେ ଏହି ଚଣାରେ କିଛି ଗୁଡ ମିଶାଇ ଗାଇଙ୍କୁ ଖାଇବାକୁ ଦିଅନ୍ତୁ।


■ ଧନସମ୍ପତ୍ତି ବୃଦ୍ଧି ଓ ଧନର ଅଭାବ ଦୂର ପାଇଁ ପୂର୍ଣ୍ଣିମା ଦିନ କଳସରେ ଦେଶୀ ଘିଅ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ଅର୍ପଣ କରିବା ପରେ ସେହି ଘିଅକୁ ଅସହାୟଙ୍କୁ ଦାନ କରନ୍ତୁ।

■ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ ବୈଭବ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ପିତ୍ତଳର ଦୀପରେ ଶୁଦ୍ଧ ଘିଅ ବ୍ୟବହାର କରି ମା'ଙ୍କ ନିକଟରେ ଦୀପ ଲଗାନ୍ତୁ।

■ ଦୁର୍ଭାଗ୍ୟରୁ ମୁକ୍ତି ପାଇବା ପାଇଁ ପିତ୍ତଳର ଏକ ପାତ୍ରରେ ଦହି ଭର୍ତ୍ତି କରି ଉକ୍ତ ଦହି ପାତ୍ର ସହ ଅଶ୍ୱ ବୃକ୍ଷ ନିକଟରେ ରଖନ୍ତୁ।

■ସୌଭାଗ୍ୟ ପ୍ରାପ୍ତି ପାଇଁ ପିତ୍ତଳର କଳସରେ ଚଣାଡାଲି ଭର୍ତ୍ତି କରି ଭଗବାନ ବିଷ୍ଣୁଙ୍କୁ ମନ୍ଦିରରେ ଅର୍ପଣ କରନ୍ତୁ।


# ସୁର୍ପଣଖାଙ୍କୁ ସୀତାଙ୍କ ଉପଦେଶ



ଲଙ୍କେଶ ରାବଣ ସହ ଯୁଦ୍ଧରେ ପ୍ରଭୁ ରାମଚନ୍ଦ୍ର ବିଜୟୀ ହେବା ସହ ସୀତା ହରଣର ପ୍ରତିଶୋଧ ନେଲେ। କିନ୍ତୁ, ରାମରାବଣ ଯୁଦ୍ଧ ହେତୁ ସୁର୍ପଣଖା ଏ ପର୍ଯ୍ୟନ୍ତ ନିଜେ ପ୍ରତିଶୋଧ ନେଇ ନ ଥିଲା। ଯେତେବେଳେ ସେ ଶୁଣିଲା କି, ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରିଛନ୍ତି, ଭାବିଲା ଠିକଣା ବେଳ ଉପଗତ। ତା'ର ମନେପଡ଼ିଲା, ପ୍ରଭୁ ରାମ ଏବଂ ତାଙ୍କ ଅନୁଜ ଲକ୍ଷ୍ମଣ କିପରି ତା'ର ନାସିକା ଛେଦନପୂର୍ବକ ଅପମାନ ଦେଇଥିଲେ। ସୁର୍ପଣଖା ଅପମାନ କାରଣରୁ ହିଁ ଭାଇ ରାବଣ ରାମଙ୍କ ଉପରେ ପ୍ରତିଶୋଧ ନେବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ, ପରିସ୍ଥିତି ବଦଳି ଯିବାରୁ ରାବଣ ରାମଙ୍କ ଦ୍ୱାରା ନିହତ ହେଲେ। ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ଲୋକେ ସୀତାଙ୍କ ସତୀତ୍ୱ ଉପରେ ସନ୍ଦେହ କରିବାରୁ ରାମଚନ୍ଦ୍ର ତାଙ୍କୁ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ। ଜଣେ ସୁ-ଗୃହିଣୀ ହିସାବରେ ଅନ୍ତଃସତ୍ତ୍ୱା ସୀତା ଏ ନିଷ୍ପତ୍ତିକୁ ସ୍ୱୀକାର କରି ରାଜନବର ଛାଡ଼ିଥିଲେ। ଗହନ ବନରେ ସୀତାଙ୍କର ବାଲ୍ମୀକି ଋଷିଙ୍କ ସହ ଭେଟ ହେଲାରୁ ସେ ତାଙ୍କୁ ନେଇ ଆଶ୍ରମରେ ରଖିଲେ। ସୀତା ଶାନ୍ତି ସନ୍ତୋଷରେ ଆଶ୍ରମ ଜୀବନଯାପନ କରୁଥିବା ବେଳେ ଦିନେ ତାଙ୍କ କୁଟୀରରେ ଉଭା ହେଲା ସୁର୍ପଣଖା। ସ୍ୱାମୀ ପରିତ୍ୟକ୍ତା ସୀତା ଆସି ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖରେ ଆଶ୍ରୟ ନେଇଥିବା ଦେଖି ସୁର୍ପଣଖା ଅତ୍ୟନ୍ତ ଆନନ୍ଦିତ ହେଲା। ସୀତାଙ୍କୁ ତାଚ୍ଛଲ୍ୟ କଲା। ତାଙ୍କୁ ମନେ ପକେଇ ଦେଲା ଦିନେ ସେ ଯେମିତି ରାମ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ ସେମିତି ଆଜି ସେ ମଧ ପ୍ରତ୍ୟାଖିପିତା। ସେ ତାଙ୍କୁ ଆହୁରି ସ୍ମରଣ କରାଇ ଦେଲେ ସେଦିନ ସେ କେମିତି ଅପମାନ ସହ୍ୟ କରିଥିଲା। ଆଜି ସୀତା ସମଦଶା ଭୋଗୁଥିବାରୁ ସେ ଆନନ୍ଦିତା। ସୁର୍ପଣଖାର ତାଚ୍ଛଲ୍ୟରେ ରାଗ ନ କରି ସୀତା ମୃଦୁ ହସି ତାଙ୍କୁ କିଛି ତଟକା କୋଳି ଯାଚି କହିଲେ ଏ କୋଳି ମନ୍ଦୋଦରୀଙ୍କ ଉଦ୍ୟାନର କୋଳି ଭଳି ସୁମିଷ୍ଟ। ବିବ୍ରତ ନ ହୋଇ ସୀତା ସ୍ମିତ ହସିବା ଦେଖି ସୁର୍ପଣଖା ଆଚମ୍ବିତ ହୋଇ ଯାଇଥିଲେ। ସେ ଆଶା କରିଥିଲା ଏଥିରେ ସୀତା କାନ୍ଦି ପକାଇବେ। ସେ କାନ୍ଦିଲେ ତାକୁ ଖୁସି ଲାଗିବ। ଶାନ୍ତ ଭାବରେ ଏଥର ସୀତା କହିଲେ: ତୁମକୁ ସୁଖ ପାଉ ନ ଥିବା ବ୍ୟକ୍ତିଙ୍କୁ ମଧ୍ୟ ତୁମେ ସୁଖ ପାଇବା ପାଇଁ ସାମର୍ଥ୍ୟ ପାଅ। ନିସର୍ଗରେ ଅନ୍ୟକୁ ଭୋଜନ କରାଇବା ପାଇଁ ଆପଣାର ଆଗ୍ରହ ବାଣ୍ଟ। ଏଥର ସୁର୍ପଣଖା ଆହୁରି ଆଚମ୍ବିତ ତଥା କ୍ରୋଧାନ୍ୱିତ ହୋଇ କହିଲା କି, ତାଙ୍କ ପ୍ରତି ହୋଇ ଥିବା ଅପମାନର ସେ ନ୍ୟାୟ ପାଇନାହାନ୍ତି। ତାକୁ ବୁଝାଇ ଦେବାକୁ ଯାଇ ସୀତା କହିଲେ କି, ତାଙ୍କ ଅପରାଧୀ ଦଣ୍ଡିତ ହୋଇ ସାରିଛନ୍ତି। ସୀତା କହିଲେ କି, ତାଙ୍କୁ କୁରୂପା କରିବା ପରେ ଦଶରଥଙ୍କ ପୁତ୍ରଗଣଙ୍କ ମନରେ ଶାନ୍ତି ନ ଥିଲା। କିନ୍ତୁ, ସୁର୍ପଣଖା ଏ କଥା ବିଶ୍ୱାସ କଲା ନାହିଁ। ସୀତା କହିଲେ ଶୁଣ, ତୁମକୁ ଆହତ କରିଥିବା ଲୋକେ ତାଙ୍କର ଅନୁଶୋଚନା ବ୍ୟକ୍ତ ନ କଲେ ମଧ ମୁଁ ନିଶ୍ଚୟ ତାହା ବ୍ୟକ୍ତ କରି ପାରିବି। ସେ ସୁର୍ପଣଖାକୁ ବୁଝାଇ କହିଲେ କି, ତୁମେ ନିଜେ ନିଜର ଶିକାର ସାଜିଛ। ଏମିତି ହେଲେ ସେ ରାବଣ ଦଶା ଭୋଗିବେ। ସୀତା କହିଲେ, ତୁମ ଭାଇ ମରିଛନ୍ତି, ପୁତ୍ରମାନେ ମରିଛନ୍ତି ଏବଂ ରାଜନଗର ପୋଡ଼ି ଯାଇଛି। ତଥାପି ତୁମେ ମଥା ଟେକି ଛିଡ଼ା ହୁଅ। ସଂସ୍କୃତି ଆସିବ, ଯିବ। ରାମ ଓ ରାବଣ ଆସିବେ, ଯିବେ। ପ୍ରକୃତି କିନ୍ତୁ ସେମିତି ଥିବ। ମୁଁ ପ୍ରକୃତିକୁ ଆପଣାର କରିବା ବରଂ ଶ୍ରେୟସ୍କର।

## ତ୍ୱଚା ଓ ସ୍ୱାସ୍ଥ୍ୟ ପାଇଁ ରାମବାଣ ଆଳୁ

ଆଜିକାଲି ଅଧିକାଂଶ ଲୋକ ରାତିରେ ବିଳମ୍ବରେ ଶୋଉଛନ୍ତି। ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଉଛନ୍ତି ଲୋକେ। ବିଶେଷକରି ରାତି ସମୟରେ ଅଧିକ ମୋବାଇଲ ବ୍ୟବହାର କରିଥାନ୍ତି। ଯେଉଁଥିପାଇଁ



ଆଖି ତଳେ କଳା ଦାଗ ହୋଇଯାଏ। ଏହା ବର୍ତ୍ତମାନ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଭାରତରେ ମହିଳାମାନଙ୍କ ମଧ୍ୟରେ ରକ୍ତଭାବ ବା ଏନିମିଆ ମଧ୍ୟ ଏକ ସାଧାରଣ ସମସ୍ୟା। ଅଧିକାଂଶ ଲୋକ ଓଜନ କମ କରିବାକୁ ଯାଇ ଆଳୁ ଖାଉନାହାନ୍ତି। କିନ୍ତୁ ଆଳୁର ଅନେକ ଫାଇଦା ମଧ୍ୟ ଅଛି। ଯଦି ଆପଣଙ୍କ ଚୁଟି ପାଚି ଯାଉଛି ଆଉ ଆପଣ ରଙ୍ଗ କରୁଛନ୍ତି ତାହେଲେ ହେୟାର କଲର ପରିବର୍ତ୍ତେ ଆଳୁ ଚୋପା ବ୍ୟବହାର କରିପାରିବେ। ଗୋଟିଏ ଗିନା ଆଳୁ ଚୋପାକୁ ଅଧା ଲିଟର ପାଣିରେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଫୁଟି ୪-୫ ଚାମଚ ହୋଇଗଲେ ତାକୁ ଥଣ୍ଡା କରି କେଶ ମୂଳରେ ଲଗାନ୍ତୁ। ଆଳୁ ଚୋପା ରକ୍ତଚାପ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୋଇଥାଏ। ଆଳୁରେ ଭିଟାମିନ-ସି ଓ ପୋଟାସିୟମ ରହିଛି। ଏହି ଦୁଇଟି ଭିଟାମିନ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଆଳୁକୁ ସବୁବେଳେ ଚୋପା ସହ ବ୍ୟବହାର କରିବ ଉଚିତ। ଆଳୁ ଚୋପାରେ ଭରପୁର ମାତ୍ରାରେ କ୍ୟାଲସିୟମ ଓ ଭିଟାମିନ-ବି କମ୍ପ୍ଲେକ୍ସ ରହିଛି। ଆଳୁ ଖାଇବା ଦ୍ୱାରା ହାଡ ମଜବୁତ ହୋଇଥାଏ ଓ ଶରୀରକୁ ଶକ୍ତି ମିଳିଥାଏ। ସେଥିପାଇଁ ଭୋଜନରେ ଆଳୁକୁ ନିଶ୍ଚୟ ସାମିଲ କରନ୍ତୁ। ଓଜନ କମ କରିବାକୁ ଆଳୁ ନ ଖାଇବାକୁ ଅନେକ ଲୋକଙ୍କୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଯେକୌଣସି ଜିନିଷ ନିୟନ୍ତ୍ରିତ ମାତ୍ରାରେ ଖାଇବା ହାନିକାରକ ନୁହେଁ। ଠିକ ସେହିଭଳି ଆଳୁ ମଧ୍ୟ ନିୟନ୍ତ୍ରିତ ମାତ୍ରାରେ ଖାଇବା ହାନିକାରକ ନୁହେଁ। ସେଥିପାଇଁ ଭୋଜନରେ କିଛି ମାତ୍ରାରେ ଆଳୁ ନିଶ୍ଚୟ ସାମିଲ କରନ୍ତୁ। ଶରୀରକୁ କିଛି ମାତ୍ରାରେ ଫ୍ୟାଟ ଓ ଗ୍ଲୁକୋଜ ମଧ୍ୟ ଆବଶ୍ୟକ ହୋଇଥାଏ ଯାହା ଆଳୁ ପୁରା କରିଥାଏ।

# ୪ ନିଗମ ସହ କୃଷି ବିଭାଗର ଏମ୍‌ଓୟୁ

ଭୁବନେଶ୍ୱର,୩।୫ (ମହାଭାରତ): ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚାରୋଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ନିଗମ ଗୁଡିକ ହେଲା ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (ଓଏସଏସସି), ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ। ବିଗତ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍ ଅଧ୍ୟକ୍ଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି କହିଥିଲେ ଯେ, ଅନୁବନ୍ଧିତ ସମସ୍ତ ନିଗମ ଗୁଡିକ ଉତ୍ସାହଜନକ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରଗତିର ଏହି କାର୍ଯ୍ୟଧାରା ଆଗକୁ ଜାରି ରହୁ। ଗତ ଆର୍ଥିକ ବର୍ଷ ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରାଜ୍ୟ ସରକାରଂକ ଏକ ପ୍ରମୁଖ ବିଭାଗ ଭାବେ ଅନୁମୋଦିତ ବଜେଟର ୯୪.୭ ପ୍ରତିଶତ ଖର୍ଚ୍ଚ କରିପାରିଛି। କୃଷକଙ୍କ ଉନ୍ନତି ଓ ପ୍ରଗତି ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।



ଓଡ଼ିଶା କୃଷି ଶିଳ୍ପ ନିଗମ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୪୫,୦୦୦ ଟନ୍ ସାର, ୨୦ କୋଟି ଟଙ୍କାର ଜୈବିକ ସାର ଓ କୀଟନାଶକ, ୭୦୦୦ ଟ୍ରାକ୍ଟର, ୧୦୦୦ ପାୱାର ଟିଲର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ୫୨୦୦ ବିଦ୍ୟୁତ ଚାଳିତ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ, ୪୮୦୦ ସୌରଚାଳିତ ଜଳନିଧି ପ୍ରକଳ୍ପ, ୧୦୦୦ ଅଗଭୀର ନଳକୂପ ପ୍ରକଳ୍ପ ଏବଂ ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ବର୍ଷ ୩୦ କୋଟି ଟଙ୍କା କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖିଛି। ସମୁଦାୟ ୧୦୦୦ କୋଟି ଟଙ୍କାର କାରବାର କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିଭଳି ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ସହ ହୋଇଥିବା ସହଭାଗୀତା ଓଡ଼ିଶାର ବିହନ ଉତ୍ପାଦନ ଏବଂ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ଲକ୍ଷ୍ୟ ରଖିଛି। କୃଷି ବିଭାଗ ପ୍ରଜନନକାରୀ ପ୍ରାମାଣିକ ବିହନର ସମୟୋଚିତ ଯୋଗାଣ ସୁନିଶ୍ଚିତ କରି ଚାଷୀଙ୍କ ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବ।ଏହି ସହଯୋଗରେ ଉଭୟପକ୍ଷ ସମନ୍ୱିତ ଚାଷୀ ସଚେତନତା ଅଭିଯାନ ମାଧ୍ୟମରେ ବିହନ ପ୍ରତିସ୍ଥାପନ ଓ କିସମ ଉନ୍ନତିକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଏଥିପାଇଁ ୫୬ କୋଟି ଟଙ୍କାର କାରବାର ଲକ୍ଷ୍ୟ ରହିଛି।

ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍ ୬,୫୦୦ଟି ବ୍ୟବସାୟିକ ଉଦ୍ୟମ ନିର୍ମାଣ ସହିତ ୨୫୦ କୋଟି ମୂଲ୍ୟର ସବସିଡ଼ି ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ସେଥିରୁ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଗକଟଣ) ପାଇଁ ୨୦୦ କୋଟି ଏବଂ ଶୀତଳ ଭଣ୍ଡାର ସହାୟତା ଯୋଜନା ପାଇଁ ୫୦ କୋଟି ରହିଛି। ଅନୁରୂପଭାବେ, ଓଡ଼ିଶାରେ କାଜୁ ଚାଷକୁ ସୁଦୃଢ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ନିଗମ ୫୦୦ ହେକ୍ଟର ହାଇବ୍ରିଡ଼ କାଜୁ ପୁନଃରୋପଣ କାର୍ଯ୍ୟକ୍ରମ ଏବଂ ୧୩୩୬.୨୨ ହେକ୍ଟରରୁ ଅଧିକ ବୃକ୍ଷର ରକ୍ଷଣାବେକ୍ଷଣ କରିବ। ଏହାଛଡ଼ା ଏହାର ବିଦ୍ୟମାନ ୨୦ ଟି କ୍ଲୋନାଲ୍ ନର୍ସରୀରୁ ୩୫ ଲକ୍ଷ ହାଇବ୍ରିଡ଼ କାଜୁ କଲମ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଏହି ଏମଓୟୁ ସ୍ୱାକ୍ଷରିତବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ଉଦ୍ୟାନକୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ମହାବିଦ୍ୟାଳୟରେ ଅକ୍ଷିମୁଠି ଅନୁକୂଳ

ଭୁବନେଶ୍ୱର,୩।୫ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷକମାନେ କୃଷି କାର୍ଯ୍ୟର ଶୁଭାରମ୍ଭ ନିମନ୍ତେ ଅକ୍ଷୟ ତୃତୀୟାକୁ ଶୁଭମୁହୂର୍ତ୍ତ ଭାବେ ବିବେଚନା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସୋଆ କୃଷି ମହାବିଦ୍ୟାଳୟରେ ଅଧ୍ୟୟନରତ ଓ ଗବେଷଣାରତ ଛାତ୍ରଛାତ୍ରୀମାନଙ୍କର ଅଧ୍ୟୟନ ନିମନ୍ତେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଉପକଣ୍ଠ ବିଂଝଗିରି ଅଂଚଳରେ ଥିବା ସୋଆ କୃଷି ଗବେଷଣା କେନ୍ଦ୍ର (ଏ.ଆର.ଏସ୍)ରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଖି ମୁଠି ଅନୁକୂଳ କରିଥିଲେ। ଗବେଷଣାରତ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଉପଯୋଗୀ ବୋଲି ପ୍ରଫେସର ନନ୍ଦ କହିଥିଲେ। ସୋଆର କୃଷି ବିଭାଗ ଛାତ୍ରଛାତ୍ରୀ ଓ ଚାଷୀଙ୍କ ଶିକ୍ଷା ତଥା ଗବେଷଣା ପାଇଁ ଏହି ଫାର୍ମ ରହିଛି। ଏହି ଫାର୍ମରେ ଧାନ ଚାଷ , ଡାଲି ଜାତୀୟ ଉତ୍ପାଦ, ପନିପରିବା, ଫୁଲ, ଫଳ ଇତ୍ୟାଦି ଚାଷ କରାଯାଉଛି। ଛାତ୍ରଛାତ୍ରୀମାନେ ନିଜେ ଚାଷ କରିବା ସହ ଏଠାରେ ଗବେଷଣା କରୁଛନ୍ତି। ଏହି ଗବେଷଣା ଚାଷୀଙ୍କ ପାଇଁ ଲାଭ ଦାୟକ ହେଉଥିବା ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସୂଚନା ଦେଇଥିଲେ। ଅନୁକୂଳ ହେବା ପରେ ଧାନ ଚାଷ କରାଯିବା ସହ କିଛି ଡାଲି ଜାତୀୟ ଶସ୍ୟ ମଧ୍ୟ ଆରମ୍ଭ ହୋଇଛି। କେବଳ ଏକ ପ୍ରକାର ଚାଷ ନୁହେଁ ବହୁମୁଖି ଚାଷ ଉପରେ ଏଠାରେ ଗବେଷଣା କରାଯାଉଛି।

# ସହରୀ ଗରିବଙ୍କ ପାଇଁ 'ସହଯୋଗ' ଯୋଜନା

ଭୁବନେଶ୍ୱର,୩।୫ (ମହାଭାରତ): ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସରଙ୍କୁ ସରକାରୀ ଯୋଜନାଗୁଡ଼ିକ ସହ ଯୋଡ଼ିବା ନେଇ ସରକାରଙ୍କ ଅନନ୍ୟ ପ୍ରୟାସ 'ସହଯୋଗ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ଅବସରରେ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ମଇ ୧ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଡୋର୍-ଟୁ-ଡୋର୍ (ଘରକୁ ଘର) ସର୍ଭେ କାର୍ଯ୍ୟକ୍ରମକୁ ପରବର୍ତ୍ତୀ ପର୍ଯ୍ୟାୟରେ ଜନଆନ୍ଦୋଳନରେ ପରିଣତ କରାଯିବ। 'ସହଯୋଗ' ସାରା ଓଡ଼ିଶାରେ ଜନ ଆନ୍ଦୋଳନରେ ରୂପଦେବାକୁ ଚାହୁଁଛି ବୋଲି ଉଲ୍ଲେଖ କରି ମନ୍ତ୍ରୀ ଡା. ମହାପାତ୍ର କହିଥିଲେ 'ସହଯୋଗ' ସାଧାରଣ ଲୋକଙ୍କ ଅସାଧାରଣ କାମରେ ସାହାଯ୍ୟ କରିବ। ବହୁଲୋକ ଅଜ୍ଞତାବଶତଃ ଛୋଟ ଛୋଟ ଯୋଜନାର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ, ସହଯୋଗ ଦ୍ୱାରା ସମସ୍ତ ବ୍ୟବସ୍ଥାର ଲାଭ ପାଇପାରିବେ। 'ସହଯୋଗ'ରେ ସହଯୋଗୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। 'ସହଯୋଗ' ଦ୍ୱାରା ସୁନ୍ଦର ଜୀବନ ସହ ସୁନ୍ଦର ଓଡ଼ିଶା ଗଠନ ହେବ। ମୁଖ୍ୟସ୍ରୋତକୁ ଆର୍ଥିକ ଅନଗ୍ରସରମାନେ ଆସିପାରିବେ। ଭବିଷ୍ୟତରେ 'ସହଯୋଗ'ର ଏକ ଆପ୍ ନିର୍ମିତ ହେବା ସହ ଗ୍ରାମାଞ୍ଚଳରେ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ।

କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ ଯେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ ଆଜି ଏକ ଐତିହାସିକ ଦିବସ। ନଗର ଉନ୍ନୟନ ବିଭାଗ ନୋଡାଲ ବିଭାଗ ହୋଇଥିବାବେଳେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୮ଟି ଜିଲ୍ଲାର ୪୪ଟି ପୌରାଞ୍ଚଳରେ ଯେତିକି ଲୋକ ଅଛନ୍ତି ସେମାନଙ୍କୁ ନଗର ଉନ୍ନୟନ ବିଭାଗର ସମସ୍ତ ଯୋଜନା ସହ ଅନ୍ୟ ବିଭାଗର ଯୋଜନାରେ ସାମିଲ କରାଯିବ।

ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଯୋଗ୍ୟ ହିତାଧିକାରୀ ଯେପରି ଅବେଦନ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବେ। ଯେହେତୁ ଆର୍ଥିକ ଅନଗ୍ରସର ଲୋକଙ୍କର ମୁଖ୍ୟ ଆବଶ୍ୟକତା ଜାଗା, ଘର, ପାଣି ଓ ବିଜୁଳି ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳକୁ ଆରମ୍ଭ ପଏଣ୍ଟ ହିସାବରେ ନିଆଯିବ। ଅଗ୍ରାଧିକାର ଭିତ୍ତିରେ ଚିହ୍ନିତ ଫ୍ଲାଗସିପ୍ ପରିଯୋଜନା ଅଧିନରେ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନିଆଯିବ। ମଇ ୧ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଦୁଇ ମାସ ପାଇଁ ଏହି କାର୍ଯ୍ୟକାରିତା କ୍ୟାମ୍ପେନ୍-ମୋଡ୍‌ରେ ଅନୁଷ୍ଠିତ ହେବ। କମ୍ୟୁନିଟି ଭଲ୍ୟୁଣ୍ଟିୟର୍ସ ଏବଂ ଫ୍ରଣ୍ଟଲାଇନ୍ ୱାର୍କର୍ସ ଏଥିରେ ନିୟୋଜିତ ହେବେ। ରାଜ୍ୟ ଓ ଜିଲ୍ଲା ସ୍ତରରେ ଅନ୍ତଃବିଭାଗୀୟ କମିଟି ଗଠିତ ହୋଇ କାର୍ଯ୍ୟକ୍ରମର ସଫଳ ପ୍ରଣୟନ କରାଯିବ। ଜିଲ୍ଲାସ୍ତରୀୟ କମିଟି ଜିଲ୍ଲାପାଳଙ୍କ ନେତୃତ୍ୱରେ ପରିଚାଳିତ ହେବ।

# ଯୋଜନର ସଫଳ ରୂପାୟନ ପାଇଁ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର,୩।୫ (ମହାଭାରତ): ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ୍ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାର ସଫଳ ତଦାରଖ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରି ପରାମର୍ଶ ଦେଇଛନ୍ତି। ମଇ ୨ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି। ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ ଏବଂ ଏହା ସହ




ଜଡିତ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ବିଭିନ୍ନ ବିଭାଗର ସଂପୃକ୍ତି ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, 'ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ହେଲେ ଉତ୍ତମ ସମନ୍ୱୟ, ମିଳିତ ଯୋଜନା ସହିତ କାର୍ଯ୍ୟାନ୍ୱୟନ ଫଳରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ।

ଜନଜାତି ପରାମର୍ଶଦାତା ପରିଷଦ, ଲଘୁ ଜଙ୍ଗଲଜାତ ଦ୍ରବ୍ୟ ପାଇଁ ମୂଲ୍ୟାୟନ ଏବଂ ବଜାର ସଂଯୋଗ, ଜାତୀୟ ଅନୁସୂଚିତ ଜନଜାତି କମିଶନ, ଜଙ୍ଗଲ ଅଧିକାର ଆଇନ୍, ପେସା ଆକ୍ଟ, ପଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନତି ଅନ୍ତର୍ଗତ କାର୍ଯ୍ୟକ୍ରମ / ଯୋଜନାର ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା, ପିଏମ୍-ଜନମନ ଏବଂ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ।

ରାଜ୍ୟରେ ପେସା ଆକ୍ଟର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ବିଧି ଅନୁଯାୟୀ ଜନଜାତି ପରାମର୍ଶ ଦାତା ପରିଷଦ ବୈଠକ ନିୟମିତ ଡକାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଥାସମୟରେ ବିଭାଗର ବାର୍ଷିକ ରିପୋର୍ଟ ଦାଖଲ, ପାଣ୍ଠି ବିନିଯୋଗରେ ଉନ୍ନତି ଆଣି ଶତ ପ୍ରତିଶତ ପାଣ୍ଠି ବିନିଯୋଗ କରିବା ପାଇଁ ଯତ୍ନବାନ ହୋଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ କହିଥିଲେ। ବୈଠକରେ ଗୃହ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂହ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ ରାଜପୁତ୍, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅତିରିକ୍ତ ସଚିବ ନାରାୟଣ ଚନ୍ଦ୍ର ଧଳ, ନିର୍ଦ୍ଦେଶକ ଲକ୍ଷଣ କୁମାର ମଲ୍ଲିକ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ୍., ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ଏସ୍.ଆଇ.ଆର.ଡି ନିର୍ଦ୍ଦେଶକ ଏସ୍.କେ.ମୀନାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ଡ୍ୟାମ ସୁରକ୍ଷା ନେଇ ଉନ୍ନୟନ କମିଶନଙ୍କ ସମୀକ୍ଷା



ଭୁବନେଶ୍ୱର,୩।୫ (ମହାଭାରତ): ଡ. ରାଜଗୋପାଳସିଂହ (ଟାସ୍କଟିମ୍‌ଲିଡର, ଡ୍ରିପ୍-୨), ଡ.ଅଜିତ ପଟ୍ଟନାୟକ (ସଂସ୍ଥାଗତ ବିଶେଷଜ୍ଞ) ଏବଂ ଶ୍ରୀ ବିଶାଖା ଝା (ଜଳସମ୍ପଦ ବିଶେଷଜ୍ଞ)ଙ୍କୁ ନେଇ ଗଠିତ ବିଶ୍ୱବ୍ୟାଙ୍କର ଏକ ଟିମ୍ ଓଡ଼ିଶାରେ ଡ୍ୟାମ ନିରାପତ୍ତା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ଭବିଷ୍ୟତ ରଣନୀତି ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଏକ ବୈଠକରେ ଆଲୋଚନା କରିଥିଲେ।

ବୈଠକରେ ଏହି ଟିମ୍ ବିଶ୍ୱବ୍ୟାଙ୍କ ସହାୟତାରେ ଡ୍ୟାମ ପୁନର୍ବାସ ଓ ଉନ୍ନତି ପ୍ରକଳ୍ପ (ଡ୍ରିପ୍) ଅଧୀନରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଥିଲେ। ଡ୍ରିପ୍ -୧ ଅଧୀନରେ ୨୬ଟି ଡ୍ୟାମ ସଫଳତାର ସହ ପୁନର୍ବାସ ହୋଇଥିବା ବେଳେ ଡ୍ରିପ୍ -୨ ଅଧୀନରେ ୧୩ଟି ଡ୍ୟାମ ପାଇଁ ପୁନର୍ବାସ କାର୍ଯ୍ୟ ଜାରି ରହିଛି। ଉଭୟ ଡ୍ରିପ୍ -୧ ଏବଂ ଡ୍ରିପ୍ -୨ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ପ୍ରଶଂସନୀୟ ପ୍ରଦର୍ଶନକୁ ବିଶ୍ୱବ୍ୟାଙ୍କ ଅଧିକାରୀ ମାନେ ପ୍ରଶଂସା କରିବା ସହ ଡ୍ରିପ୍ -୩ର ପ୍ରଭାବଶାଳୀ କାର୍ଯ୍ୟକାରିତା ନେଇ ଆଶା ପ୍ରକାଶ କରିଛନ୍ତି। ଆଗାମୀ ଡ୍ରିପ୍-୩ ପର୍ଯ୍ୟାୟରେ ହୀରାକୁଦ ଡ୍ୟାମରେ ଅତିରିକ୍ତ ସ୍ପିଲେୱ୍ୱେ ନିର୍ମାଣ ଓ ଏହାର ଗେଟ୍ ଅଟୋ ମେସନ ଭଳି ପ୍ରମୁଖ ଉପାଦାନ ରହିଛି।

ଏହି ପ୍ରକଳ୍ପଗୁଡ଼ିକରେ ରହିଥିବା ଡ୍ୟାମ୍ ଗୁଡ଼ିକର ସୁରକ୍ଷା, ପରିଚାଳନାଗତ କାର୍ଯ୍ୟଦକ୍ଷତା ଏବଂ ନିର୍ମାଣରେ ଉନ୍ନତି ଆଣିବା ପାଇଁ ସେଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ ଆବଶ୍ୟକ ଗଠନଗତ ସଂଶୋଧନ ପ୍ରକ୍ରିୟା ଅନ୍ତର୍ଭୁକ୍ତ। ଏଥିରେ ଡ୍ୟାମଗୁଡ଼ିକରକଂକ୍ରିଟ୍ ଖରାପ, ଭିତ୍ତିଭୂମି ସମସ୍ୟା ଏବଂ ସିପେଜ୍ ଭଳି ସମସ୍ୟାର ସମାଧାନ, ସାମ୍ପ୍ରତିକ ନିରାପତ୍ତା ମାନଦଣ୍ଡ ପୂରଣ କରିବା ପାଇଁ ଢାଞ୍ଚାଗତ ମରାମତି, ଉନ୍ନତ ତଦାରଖ ବ୍ୟବସ୍ଥା ଏବଂ ଉନ୍ନତିକରଣକୁ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟର ୨୫ଟି ଡ୍ୟାମ ପାଇଁ ଜରୁରୀ କାଳୀନ ଆକ୍ସନ ପ୍ଲାନ୍ (ଇଏପି) ପ୍ରସ୍ତୁତ କରିବାରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ୍ୟ ଏହି ଟିମ୍ ପ୍ରଶଂସା କରିଛି। ଏହି ଇଏପି ଗୁଡ଼ିକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ପଦକ୍ଷେପ ସ୍ୱରୂପ ଏହି ସମନ୍ୱୟ ପ୍ରଥମେ ଗୋଟିଏ କିମ୍ବା ଦୁଇଟି ଜିଲ୍ଲାରେ ପରୀକ୍ଷା ମୂଳକ ଭିତ୍ତିରେ କାର୍ଯ୍ୟକାରୀ ହେବ ଏବଂ ଏହାପରେ ରାଜ୍ୟର ସମସ୍ତ ଜିଲ୍ଲାକୁ ସମ୍ପ୍ରସାରଣ କରାଯିବ। ଓଡ଼ିଶାର ଏହି ପଦକ୍ଷେପ ଦେଶର ଅନ୍ୟ ରାଜ୍ୟ ପାଇଁ ଏକ ମଡେଲ ହେବ ବୋଲି ଆଶା କରାଯାଉଛି।

# ସୋଆ ଓ ରାଓ କ୍ରିକେଟ ଏକାଡେମୀ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୩।୫ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କ୍ରିକେଟ ଦଳ ଓ କ୍ରୀଡ଼ା ଭିତିଭୂମିର ବିକାଶ ନିମନ୍ତେ ସୋଆ ଏବଂ ଭୁବନେଶ୍ୱର ସ୍ଥିତ ରାଓ କ୍ରିକେଟ ଏକାଡେମୀ (ଆରସିଏ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ୨୦୨୩ ମସିହାରେ ଭୁବନେଶ୍ୱରେ ଆରମ୍ଭ ହୋଇଥିବା ଆରସିଏ ହେଉଛି ଏକ କ୍ରିକେଟ ପ୍ରଶିକ୍ଷଣ କେନ୍ଦ୍ର ଯେଉଁଠାରେ କି ଖେଳାଳୀମାନଙ୍କୁ ଆନ୍ତର୍ଜାତିକ ମାନର କ୍ରିକେଟ ଭିତିଭୂମି ରହିଛି ଏବଂ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ଆରସିଏ ପ୍ରଶିକ୍ଷଣ ଟିମ୍‌ରେ ଆନ୍ତର୍ଜାତିକ ସ୍ତରର କ୍ରିକେଟ ପ୍ରଶିକ୍ଷକ (ବିସିସିଆଇ ଲେବୁଲ-୨) ଏବଂ ଭାରତ-ଏ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳୀ ସାମିଲ ଅଛନ୍ତି।



ଆର୍‌ସିଏ ଆବାସିକ ଏବଂ ଅଣଆବାସିକ କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସେଠାରେ ଆନ୍ତର୍ଜାତିକ ସ୍ତରର ଟର୍ଫ ୱିକେଟ, ସିମେନ୍‌ଟେଡ ୱିକେଟ, ଇଣ୍ଡୋର ଅଭ୍ୟାସ ସୁବିଧା ସହ ଫୁଲ୍ ଆଷ୍ଟ୍ରୋ-ଟର୍ଫ ୱିକେଟ୍ସ, ଶାରୀରିକ ପ୍ରଶିକ୍ଷଣ, ଫିଜିଓ, ବୋଲିଂ ମେସିନ୍, ହଷ୍ଟେଲ୍ ଏବଂ ଝିଅ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି। ବୁଝାମଣା ଅନୁଯାୟୀ ସୋଆର କ୍ରିକେଟ ଷ୍ଟାଡିୟମ୍‌କୁ ସପ୍ତାହକୁ ୩ ଦିନ ଆର୍‌ସିଏକୁ ବ୍ୟବହାର କରିପାରିବ। ସେହିପରି ଆର୍‌ସିଏ ପ୍ରଶିକ୍ଷକମାନେ ସପ୍ତାହରେ ୩ ଦିନ ସୋଆର କ୍ରିକେଟ ଟିମ୍‌କୁ ପ୍ରଶିକ୍ଷଣ ପ୍ରଦାନ କରିବ। ସୋଆର ଛାତ୍ରଛାତ୍ରୀ, କର୍ମଚାରୀ ଓ ଫ୍ୟାକଲ୍ଟି ମେମ୍ବର୍ସମାନଙ୍କୁ ଅଣଆବାସିକ କ୍ରିକେଟ ପ୍ରଶିକ୍ଷଣ ନିମନ୍ତେ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏଥି ସହିତ ସୋଆର କାର୍ଯ୍ୟରତ ସଦସ୍ୟଙ୍କର ପରିବାରର ଜଣେ ସଦସ୍ୟଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯିବ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆର୍‌ସିଏର ପରିଚାଳନା ନିର୍ଦ୍ଦେଶକ ଶିବଶଙ୍କର ରାଓଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବେଳେ ଏହି ଅବସରରେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆର୍‌ସିଏର ପାର୍ଟନର ସବ୍ୟସାଚୀ ସିଂ, ରାହୁଲ ଶୁକ୍ଲା ଏବଂ ଜୟନ୍ତ ରାଓ ଉପସ୍ଥିତ ଥିଲେ।

# ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୫ (ମହାଭାରତ): ଖୋର୍ଦ୍ଧା ଗୀତା ଭବନ ସଭାଗୃହରେ ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସପ୍ତଦଶତମ ବାର୍ଷିକ ଉତ୍ସବ ବରିଷ୍ଠ ଆଇନ୍‌ଜୀବୀ ଓ ସାହିତ୍ୟିକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏବଂ ସମ୍ପାଦିକା ଶ୍ରୀମତୀ ବିମଳା ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ପୂର୍ଣ୍ଣବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱର ସବିଶେଷ ଅବତାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଶରତ ଚନ୍ଦ୍ର ମହାପାତ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ଗାଳ୍ପିକା ତଥା ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଗୀତିକାର ଓ କଣ୍ଠଶିଳ୍ପୀ ଶ୍ରୀ ବିଭୁ ଦାସ ଆଧ୍ୟାତ୍ମିକ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ମୁଖପତ୍ର "ମହାବାହୁ" ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରତିଭାଧାରୀମାନଙ୍କୁ ଅକ୍ଷୟତୃତୀୟା ଶୁଭ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଶ୍ରୀଶ୍ରୀ ୧୦୮ଶ୍ରୀ ବିଶ୍ୱମ୍ଭର ଦାସ ମହାରାଜଙ୍କୁ ବୃନ୍ଦାବତୀ ଦାସୀ ଆଧ୍ୟାତ୍ମିକ ସମ୍ମାନ, ଦକ୍ଷିଣକେଶରୀ ଶ୍ରୀ ରାମଚନ୍ଦ୍ର କରଙ୍କୁ ଶ୍ରୀଳ ଜୟଦେବ ସମ୍ମାନ, ଶ୍ରୀ ମନୋଜ କୁମାର ଜେନାଙ୍କୁ ସଚ୍ଚିରାଉତରାୟ ଗଳ୍ପ ସମ୍ମାନ, ଶ୍ରୀ ବୈକୁଣ୍ଠନାଥ ରାଜଗୁରୁଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କୁ ଡମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀ ପୁରୁଷୋତ୍ତମ ମହାପାତ୍ରଙ୍କୁ କବି ବନ୍ଧୁ ପରାଶର ସମ୍ମାନ, କାମରାଜ ସାହାଣୀଙ୍କୁ ପଠାଣୀ ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପହଲଗାମ୍‌ରେ ଆତତାୟୀଙ୍କ ଗୁଳିରେ ଶହିଦ ହେଇଥିବା ପର୍ଯ୍ୟଟକମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ପହଲଗାଁଓ ଆତଙ୍କୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୫ (ମହାଭାରତ): ଜାମ୍ମୁ-କାଶ୍ମୀର ପହଲଗାଁଓ ପାକିସ୍ତାନୀ ଆତଙ୍କୀବାଦୀ ସଂଗଠନ ଦ୍ୱାରା ବର୍ବୋରଚିତ ଆକ୍ରମଣ ଘଟଣାରେ ବାଲେଶ୍ୱର ଜିଲ୍ଲାର ପ୍ରଶାନ୍ତ କୁମାର ଶତପଥି ଓ ବଲାଙ୍ଗୀର ଜିଲ୍ଲାର ଦୀନେଶ ଅଗ୍ରୱାଲଙ୍କ ସମେତ ୨୬ ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣର ଦୃଢ଼ ନିନ୍ଦା କରିବା ସହ ପ୍ରାଣ ହରେଇଥିବା ନିରୀହ ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ଗୁରୁବାର ସନ୍ଧ୍ୟା ୬ ଘଟିକା ସମୟରେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖରେ ସାମୂହିକ ଦୀଦପାନ ସହିତ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶା ପ୍ରଗତି ଦଳର ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ




କରାଯବା ଏବଂ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସ୍ୱାନ୍ତ୍ୱନା ଜଣାଇବା ସହ ଗୁରୁତର ଆହତ ପର୍ଯ୍ୟଟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଆମ ଭାରତମାତା ପ୍ରତି ବର୍ଷବର୍ଷ ଧରି ସେନା କର୍ମଚାରୀ ଓ ଜନସାଧାରଣଙ୍କ ପ୍ରତି ଆତଙ୍କବାଦୀଙ୍କ ଦ୍ୱାରା ନରସଂହାର ଆକ୍ରମଣ ଯେପରି ଘଟିଚାଲିଛି, ତାର ଦୃଢ଼ଭାବରେ ଜବାବ ଦେବାର ସମୟ ଆସିଯାଇଛି। ଶାନ୍ତିପ୍ରିୟ ଭାରତବର୍ଷକୁ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ପାକିସ୍ତାନ ଓ ଭାରତରେ ଚାଲୁଥିବା ଆତଙ୍କବାଦୀ ସଂଗଠନ, ଷଡଯନ୍ତ୍ରକାରୀ, ବାହ୍ୟଶତ୍ରୁ, ଦେଶ ଦ୍ରୋହୀ, ପାକିସ୍ତାନ ପାଇଁ ଓକିଲାତି କରୁଥିବା ବ୍ୟକ୍ତିବିଶେଷ ଓ ରାଜନୈତିକ ଦଳ ବିରୋଧରେ ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଓ ଦେଶର ସୁରକ୍ଷା ପ୍ରସଙ୍ଗରେ ଆମ ଦଳ ସରକାରଙ୍କ ସହ ଅଛି ବୋଲି ମତପ୍ରକାଶ ପାଇଥିଲା। ଆସନ୍ତୁ ଆମେ ସମସ୍ତେ ମିଳିମିଶି ଭାରତବାସୀ ସଂକଳ୍ପ ନେବା। ଭାରତ ମାତାର ୧୪୦ କୋଟି ସନ୍ତାନ ନିଜକୁ ନିଜେ ଜଣେ ଜଣେ ସୈନିକ ଭାବେ ଆଗେଇ ଆସି ନିଜର ସୁରକ୍ଷା ସହିତ ଭାରତ ବର୍ଷର ସମସ୍ତ ଜନସାଧାରଣଙ୍କ ସୁରକ୍ଷା ପାଇଁ ଏକଜୁଟ୍ ହୋଇ ସରକାରଙ୍କ ସହିତ ହାତ ମିଳାଇ ଦେଶରୁ ସମ୍ପୂର୍ଣ୍ଣ ଭାବେ ଆତଙ୍ଗବାଦୀ ସଂଗଠନ ସହିତ ବାହ୍ୟ ଶତ୍ରୁ ଦେଶଦ୍ରୋହୀ, ଆତଙ୍କବାଦୀ ଦମନର ଓ ମୂଳୋତ୍ପାଟନ କରି ଲଢ଼ିବାକୁ ନିଜର ଭାରତ ମାତାଙ୍କୁ ରକ୍ଷା କରିବା ପାଇଁ ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଲିଙ୍ଗରାଜ ଦାସ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୌମ୍ୟରଞ୍ଜନ ଜେନା, ଆଧ୍ୟାତ୍ମିକ ଯୋଗଗୁରୁ ବାବା ପଞ୍ଚଦେବ, ବିଶିଷ୍ଟ ସମାଜସେବୀ ସରୋଜିନୀ ମହାନ୍ତି, କୃଷ୍ଣପ୍ରସାଦ ବାରିକ, ସରୋଜ ପାତ୍ର, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସାମ୍ପ୍ରଦାୟିକ ହିଂସା

ବର୍ତ୍ତମାନ ପାକିସ୍ତାନ କୁହାଯାଉଥିବା ଭୂଖଣ୍ଡ ଏକଦା ହିନ୍ଦୁବହୁଳ ଅଞ୍ଚଳ ଥିଲା। କିନ୍ତୁ ସାମ୍ପ୍ରଦାୟିକ ହିଂସାଯୋଗୁ ଅନେକ ହିନ୍ଦୁ ସେଠାରୁ ଚାଲିଆସିଲେ ବା ପ୍ରାଣ ରକ୍ଷା କରିବାକୁ ଏଠାକୁ ଆସିବା ନିମନ୍ତେ ବାଧ୍ୟ ହେଲେ। ଭାରତରୁ ମଧ୍ୟ ଲକ୍ଷ ଲକ୍ଷ ମୁସଲମାନ ଭାଇଭଉଣୀ ପାକିସ୍ତାନ ଚାଲିଯିବାକୁ ବାଧ୍ୟ ହେଲେ। ସେବେଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ବା ଶତ୍ରୁତା ସାମ୍ପ୍ରଦାୟିକ ବିଭେଦ ବା ଘୃଣାର କାରଣ ହୋଇଛି। ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି। ସେଠାରେ ମୁସଲମାନ ବ୍ୟତିତ ଅନ୍ୟ ଧର୍ମାବଲମ୍ବୀଙ୍କ ସଂଖ୍ୟା ଧିରେ ଧିରେ ହ୍ରାସ ପାଉଛି। କିନ୍ତୁ ଭାରତରେ ଅନ୍ୟ ଧର୍ମାବଲମ୍ବୀମାନେ ସ୍ୱଚ୍ଛନ୍ଦରେ ଜୀବନଯାପନ କରୁଛନ୍ତି। ସେମାନଙ୍କ ସଂଖ୍ୟା ବି ବଢ଼ିଚାଲିଛି। କିନ୍ତୁ କିଛି ସଙ୍ଗଠନ ଦେଶରେ ସାମ୍ପ୍ରଦାୟିକ ବିଷ ମାଧ୍ୟମରେ ସମାଜକୁ କଳୁଷିତ କରିବାକୁ ବରାବର ଉଦ୍ୟମ କରୁଛନ୍ତି। ଉଭୟ ପକ୍ଷରୁ ଏଭଳି ଅନେକ ସଙ୍ଗଠନ ରହିଛି ଯେଉଁମାନେ ଭାରତରେ ଧର୍ମ ଆଧାରରେ ହିଂସା ଏବଂ ବିଦ୍ୱେଷକୁ ପ୍ରୋତ୍ସାହିତ କରୁଛନ୍ତି। ତେଣୁ ଧର୍ମ ଆଧାରରେ ଦେଶ ବିଭାଜିତ ହେବା ସତ୍ତ୍ୱେ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ଆଜି ବି ଦୂର ହୋଇପାରିନାହିଁ। କିଛି ରାଜନୈତିକ ଦଳ ମଧ୍ୟ ଧର୍ମକୁ ଆଧାର କରି ରାଜନୀତି କରୁଛନ୍ତି, ଭୋଟ ମାଗୁଛନ୍ତି। କେତେକ ନେତା ବା ଦଳ ସଂଖ୍ୟାଲଘୁ ତୁଷ୍ଟିକରଣକୁ ଭୋଟ ସଂଗ୍ରହର ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ସେମାନଙ୍କ ମତରେ ଧର୍ମନିରାପକ୍ଷତାର ଅର୍ଥ ହେଲା ସଂଖ୍ୟାଲଘୁଙ୍କୁ ସନ୍ତୁଷ୍ଟ କରିବା, ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା। ସଂଖ୍ୟାଗରିଷ୍ଠଙ୍କ ବର୍ଗର ସ୍ୱାର୍ଥ ସମ୍ପର୍କରେ କହିବା ସେମାନଙ୍କ ଦୃଷ୍ଟିରେ ସାମ୍ପ୍ରଦାୟିକତା। ଆଉ କିଛି ଦଳ ବା ସଙ୍ଗଠନ ଅଛନ୍ତି ଯେଉଁମାନେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଘୃଣା ଦୃଷ୍ଟିରେ ଦେଖୁଛନ୍ତି ଏବଂ ସେମାନଙ୍କ ବିରୋଧରେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ଏକ ହେବାକୁ ଆହ୍ୱାନ କରୁଛନ୍ତି। ଅନେକ ସମୟରେ ଉଭୟ ପକ୍ଷର କିଛି ନେତା ଏଭଳି ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେଉଛନ୍ତି ଯାହା ସମାଜରେ ଅଶାନ୍ତି ଏବଂ ଅସ୍ଥିରତା ସୃଷ୍ଟି କରୁଛି। ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ପରସ୍ପରକୁ ସନ୍ଦେହ ଏବଂ ଘୃଣା ଚକ୍ଷୁରେ ଦେଖୁଛନ୍ତି। ଏହା ଭାରତର ଭାବମୂର୍ତ୍ତୀ ପ୍ରତି ବିପଦ ସୃଷ୍ଟି କରୁଛି। ସମ୍ବିଧାନରେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ ଉଲ୍ଲେଖ ରହିଛି। ଯଦିଓ ପାକିସ୍ତାନ ଏକ ଇସଲାମିକ ରାଷ୍ଟ୍ର ଏବଂ ସେଠାରେ ଅନ୍ୟ ସଂଖ୍ୟାଲଘୁ ବର୍ଗ ପ୍ରତି ଅତ୍ୟାଚାର କରାଯାଉଛି, କିନ୍ତୁ ଭାରତ ନିଜକୁ ବିଶ୍ୱର ଏକ ସଭ୍ୟ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିପାରିଛି। ଏହା ନିଶ୍ଚିତ ଭାବେ ଏକ ଗୌରବର ବିଷୟ ଏବଂ ଏଥିପାଇଁ ବିଶ୍ୱ ଦରବାରରେ ଭାରତର ଛବି ଆଜି ପାକିସ୍ତାନ ତୁଳନାରେ ଯଥେଷ୍ଟ ଭଲ। ତେବେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଙ୍ଗଠନ ପାଇଁ ଭାରତର ଛବି କେତେକାଂଶରେ ମଳିନ ପଡୁଛି। ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏଥିନେଇ ଉଦବେଗ ପ୍ରକାଶ କରିଛନ୍ତି ଏବଂ ଭାରତର ଧର୍ମନିରପେକ୍ଷ ଭାବମୂର୍ତ୍ତୀ ଯେପରି କୌଣସି ପରିସ୍ଥିତିରେ ବି ମଳିନ ନପଡ଼େ ସେଥିପ୍ରତି ଦୃଷ୍ଟି ଦେବାକୁ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ସବୁ ରାଜ୍ୟ ଏହାକୁ ପାଳନ କରିବା ଉଚିତ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ କେତେଦୂର ନିଷ୍ଠାର ସହ ପାଳନ କରାଯିବ ତାହା ଦେଖିବାର କଥା। ଏହା ବ୍ୟତିତ ଘୃଣା ସୃଷ୍ଟିକାରୀ ଭାଷଣ ସଂଜ୍ଞା ମଧ୍ୟ ସ୍ପଷ୍ଟ ହେବା ଉଚିତ। ନଚେତ ଏଭଳି ଅଯଥା ମାମଲା ସଂଖ୍ୟା ବଢ଼ିଯିବ। ଯଦି କସବ ଭଳି ଆତଙ୍କବାଦୀ ବିରୋଧରେ ମନ୍ତବ୍ୟକୁ ଘୃଣାସୃଷ୍ଟିକାରୀ ବୋଲି କୁହାଯିବ।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

“ ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ’ ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୭୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

॥ ଅନୀତା ପଟ୍ଟନାୟକ ॥

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଚ୍ଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା ‘ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ’। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ ‘ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ’। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ



ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛି। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ପରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼ିନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। ‘ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ’। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?

ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି ? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ

॥ ସୌମେନ୍ଦ୍ର ଜେନା ॥

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ କାର୍ଯ୍ୟ କରିଥିଲେ ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚରିଆଡୁ ଚନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ ‘ହେଲ୍ପ ଇଣ୍ଡିଆ ବ୍ରିଦ୍’ ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

## ମାନବିକ ଅଧିକାର ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା :୦୨/୦୫(ମହାଭାରତ ): ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଗୋବିନ୍ଦ ଭବନ ପରିସରରେ ମାନବିକ ଅଧିକାର ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଦୌରା ଜଜ ଶରତ ଚନ୍ଦ୍ର ମିଶ୍ର ଯୋଗ ଦେବା ସହ ଦଶପଲ୍ଲା ଓକିଲ ସଙ୍ଘ ର ସଭାପତି ସୁଶାନ୍ତ କୁମାର ପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଜଜ ଆନନ୍ଦ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ । ସମ୍ପାଦକ ଅତିଥି ମାନଙ୍କ ପରିଚୟ କରାଇଥିଲେ । ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା । ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକର ଙ୍କ ପ୍ରତିମୂ□ ନିକଟରେ ଦ୍ୱୀପ ପ୍ରଜ୍ଜଳନ ଓ ଧୂପ ପୁଷ୍ପ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା । ଏ ଅବସରରେ ଜନସାଧାରଣ ଙ୍କୁ ନିଜର ଅଧିକାର, ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ନିମି□ ଆଇନ ର ସଚେତନତା ପୂର୍ବକ ଅତିଥି ମାନେ ନିଜ ନିଜ ର ଉକ୍ତି ରଖିବା ସହିତ ଆଇନ ଗତ କାର୍ଯ୍ୟକ୍ରମ ରେ ଜିଲ୍ଲା ର ଜିଲ୍ଲାପାଳ କିମ୍ବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯୋଗ ଦେଇ ନ ଥିବାରୁ ମୁଖ୍ୟ ଅତିଥି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ନିଜର କ୍ଷୋଭ ପ୍ରକାଶ କରିଥିଲେ । ଏଥିସହିତ ବରିଷ୍ଠ ଓକିଲ ଗୌରଚନ୍ଦ୍ର ମିଶ୍ର, ମନୋରଞ୍ଜନ ମିଶ୍ର, ଆଲୋକ ସେନାପତି, ମାନସ କୁମାର ମହାକୁଡ଼, ପ୍ରମୋଦ କୁମାର ସାହୁ, କୃଷ୍ଣଚନ୍ଦ୍ର ଦାଶ ଙ୍କ ସହଯୋଗ ରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

## ନୂତନ ବିଜେପି ସଭାପତି ଓ ନଗର ଜିଲ୍ଲା ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜୁନାଗଡ଼, (ମହାଭାରତ): ନୂତନ ଭାବେ ନିଯୁକ୍ତ ଜୁନାଗଡ଼ ନଗର ସଭାପତି ବିକ୍ରାନ୍ତ କୁମାର ପଟ୍ଟନାୟକ ଓ ନଗର ଜିଲ୍ଲା ପ୍ରତିନିଧି ଶିବରାମ ରାଉତଙ୍କୁ ନଗର ବିଜେପି ତରଫରୁ ସ୍ଥାନୀୟ ବିଜେପି କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ଦିଆଯାଇଛି । ନଗର ଜିଲ୍ଲା ପ୍ରତିନିଧି ଶିବରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳିନ୍ଦ୍ରି ପାଣିଗ୍ରାହୀ, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ବରିଷ୍ଠ ବିଜେପି ସଦସ୍ୟ ହିମାଂଶୁ ଶେଖର ବରାଡ଼, ସତ୍ୟ ନାରାୟଣ ପଣ୍ଡା, କୁମ୍ବଲେ ପାଣିଗ୍ରାହୀ,ଉପସ୍ଥିତ ରହି ଉଦବୋଧନ ଦେଇ ଦଳ କୁ ମଜଭୁତ କରିବା ପାଇଁ ଉଦବୋଧନ ଦେଇଥିଲେ । ଏହି ସଭାରେ ମିନିକେତନ ରଣା, ବଂଶୀଧର ମାସରା, କୁନା ବୈଠରୁ, ପପୁ ବୈଠରୁ, କୈଳାସ ଖେମକା, ଗଣେଶ ଗହୀର, ସୁଦର୍ଶନ ସେଠି, ବିନୟ ବୈଠରୁ, ଅଶୋକ, ମୋହମ୍ମଦ ସରିଫ ପ୍ରମୁଖ ଯୋଗଦାନ କରିଥିଲେ ।।

## ଅବସରପ୍ରାପ୍ତ ୪ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପତ୍ର ପ୍ରଦାନ




ସାଲେପୁର, (ମହାଭାରତ) : ସାଲେପୁର ଶିକ୍ଷା ମଣ୍ଡଳ ଅଧୀନରେ କାର୍ଯ୍ୟରତ ୩ ଜଣ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷୟତ୍ରୀ ବୁଧବାର ଅବସର ଗ୍ରହଣ କରିଛନ୍ତି । ସାଲେପୁର ଶିକ୍ଷା ମଣ୍ଡଳ ପକ୍ଷରୁ ଆୟୋଜିତ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷା ମଣ୍ଡଳ ଅଧିକାରୀ ଲକ୍ଷେ ହୀରା ଲାବଣ୍ୟ ବତୀ ବେହେରା ଉପସ୍ଥିତ ରହି ସମସ୍ତଙ୍କୁ ଫାଇନାଲ ପେନସନ ପତ୍ର ପ୍ରଦାନ କରିଛନ୍ତି ।ଏହି ଅବସରରେ ଅବସର ଗ୍ରହଣ କରିଥିବା ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ବିଶ୍ୱାଳ, ପ୍ରଧାନପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ପଣ୍ଡା, ଲକ୍ଷ୍ମୀନାରାୟଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିନ ପ୍ରଭା ସିଂହ ଓ କୁସମ୍ବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସୁଲୋଚନା ନନ୍ଦ ପ୍ରମୁଖଙ୍କୁ ବିଇଓ ଶ୍ରୀମତୀ ବେହେରା ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।କାର୍ଯ୍ୟକ୍ରମରେ ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ପିପିଏଲ ଡିଏଭି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା

ପାରାଦୀପ – ଶୁକ୍ରବାର ଦିନ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୪–୨୫ ଶିକ୍ଷା ବର୍ଷର ଦଶମ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ପି . ପି. ଏଲ ଡି ଏ ଭି ସ୍କୁଲର ଏକଚାଳିଶି ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ଏ–୧ ଗ୍ରେଡରେ ୩ଜଣ ଓ ଏ–୨ ରେ ୧୭ଜଣ ଛାତ୍ରଛାତ୍ରୀ ଅଛନ୍ତି । ସୂର୍ଯ୍ୟମୋହନ ଦାସ ୯୩.୩ , ଅଂଶୁମାନ ସ୍ୱାଇଁ ୯୨.୩, ରାଜନନ୍ଦିନୀ ସ୍ୱାଇଁ ୯୧.୨% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ସଂଜୀ୍ବ କୁମାର ସାହୁ, ପି.ପି.ଏଲ ର ମୁଖ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ପଲାନିସାମି ଭେଲୁସାମି, ପି.ପି.ଏଲ ର ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ ସୁମିତ ସେନାପତି, ଡି.ଏ.ଭି ଓଡିଶା ଜୋନର ଆଂଚଳିକ ନିର୍ଦ୍ଦେଶକ ଡ଼ଃ କେଶବ ଚନ୍ଦ୍ର ଶତପଥୀ, ଆଂଚଳିକ ଅଧିକାରୀ ଡଃ ସୁଜାତା ସାହୁ ଓ ଉପ ଆ*ଳିକ ଅଧିକାରୀ ଜ୍ୟୋତି ମିଶ୍ର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କୃତି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତୋରତର ଉନ୍ନତି କାମନା କରିଛନ୍ତି ।

## ରାଇଘରରେ ପାସ ହାର ୯୨.୭୨ପ୍ରତିଶତ

ରାଇଘର, (ମହାଭାରତ): ରାଜ୍ୟରେ ମାଟ୍ରିକ ରିଜଲ୍ଟ ବାହାରିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖିବାକୁ ମିଳିଛି । ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ୩୩ଗୋଟି ବିଦ୍ୟାଳୟର ସର୍ବମୋଟ ୨୬୫୦ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଅପ କରିଥିବା ବେଳେ ୨୫୪୯ଜବଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୨୪୫୭ଜଣ ଛାତ୍ରଛାତ୍ରୀ ପାସ କରିଥିବା ସୂଚନା ମିଳିଛି । ପରିଚିପାରା ଗ୍ରାମର ସ୍ୱର୍ଗବାସୀ କୀର୍ତନ ହରିଜନ ଓ ବିଧବା ଦିଲାବାଇ ହରିଜନଙ୍କ ସୁପୁତ୍ର ରାହୁଲ ହରିଜନ ୫୨୯ମାର୍କ ରଖି ଏ୨ଗ୍ରେଡ଼ରେ ପାସ କରି ବ୍ଲକ ଟପ୍ପର ହୋଇ ରାଇଘର ବ୍ଲକ ପାଇଁ ଗୌରବ ଆଣିଦେଇଛନ୍ତି । ସେ ରାଇମୋହନ ଦାସ ଆଶ୍ରମ ବିଦ୍ୟାଳୟ ସରଗୁଳି ରେ ପାଠ ପଢୁଥିଲେ । ରାହୁଲଙ୍କ ଏହି ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସିଛି । ରାହୁଲଙ୍କ ଏହି ସଫଳତାର ଶ୍ରେୟ ସେ ନିଜ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଅବିଭାବକ ମାନଙ୍କୁ ଦେଇଛନ୍ତି ।

# କନ୍ଧମାଳ ସାଂସଦଙ୍କ ବଡ଼ଭାଇଙ୍କ ସ୍ମୃତିସଭାରେ ମୁଖ୍ୟମନ୍ତ୍ରୀ



ଗଣିଆ, (ମହାଭାରତ) : ନୟାଗଡ଼ ଜିଲ୍ଲା ଗଣିଆ ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝି । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ବଡ ଭାଇ ସ୍ୱର୍ଗତ ବସନ୍ତ କୁମାର ପାଣିଗ୍ରାହୀଙ୍କ ଏକାଦଶାହ ସ୍ମୃତି ସଭା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି । ଏଥିପାଇଁ ନୟାଗଡ଼ ପ୍ରଶାସନିକ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ସୂଚନା ଅନୁଯାୟୀ ଗଣିଆ ବ୍ଲକର ପତଣ୍ଡା ଗାଁ ଠାରେ ଆୟୋଜିତ ସ୍ୱର୍ଗତ ବସନ୍ତ କୁମାର ପାଣିଗ୍ରାହୀଙ୍କ ସ୍ମୃତି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ବାଚସ୍ପତି ସୁରମା ପାଢୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଙ୍କ ସମେତ ବହୁ ସାଂସଦ, ବିଧାୟକ ଗଣ ଯୋଗ ଦେଇଥିଲେ । ସେହିପରି ଏହି ସ୍ମୃତି ସଭାରେ ମଧ ପୂର୍ବତନ ସାଂସଦ ଏବଂ ବିଧାୟକ ଗଣ ଯୋଗ ଦେଇଥିଲେ । ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ ଉପସ୍ଥିତ ରହି ସ୍ୱର୍ଗତ ପାଣିଗ୍ରାହୀ ଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଆକାଶ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସି ପ୍ରଥମେ ଗଣିଆ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡ୍ ରେ ଅବତରଣ କରିବା ପରେ କାରକେଟ୍ ଯୋଗେ ବାଇ ରୋଡ୍ ଯାଇଥିଲେ ସ୍ୱର୍ଗତ ବସନ୍ତ କୁମାରୀ ପାଣିଗ୍ରାହୀ ଙ୍କ ବାସଭବନ କୁ । ସେଠାରେ ସ୍ୱର୍ଗତ ପାଣିଗ୍ରାହୀ ଙ୍କ ପରିବାର କୁ ଭେଟି ଏହି ଦୁଃଖଦ ସମୟରେ ସମବେଦନା ଜଣାଇଥିଲେ । ସେଠାରୁ ପୁଣି କାର୍ କେଡ୍ ଯୋଗେ ବାଇରରୋଡ୍ ଆସିଥିଲେ ସ୍ମୃତି ସଭା ସ୍ଥଳକୁ । ସେଠାରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପାଣିଗ୍ରାହୀ ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ଉପସ୍ଥିତ ଲୋକ ମାନଙ୍କୁ ସ୍ୱର୍ଗତ ପାଣିଗ୍ରାହୀ ଙ୍କ ଜୀବନ କାହାଣୀ ଉପରେ ଚର୍ଚ୍ଚା କରି ସ୍ମୃତି ଚାରଣ କରିଥିଲେ ।ଏଥିପାଇଁ ଗଣିଆ ବଜାରରେ ପୋଲିସ ପକ୍ଷରୁ କଡା ପାଟ୍ରୋଲିଂ କରାଯାଇଥିଲା ।

## ସାଲେପୁରରେ ବିଜେପି ର ଆଖିମୁଠି ଅନୁକୂଳ



ସାଲେପୁର,(ମହାଭାରତ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଟକ ଜିଲ୍ଲା ଟାଙ୍ଗୀ – ସାଲେପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାଲେପୁର ବ୍ଲକ ଅନ୍ତର୍ଗତ ନାଦୋଳ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅରିନ୍ଦମ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରମ୍ପରିକ ପୂଜାର୍ଚ୍ଚନା କରିବା ସହ ଏକ ଚାଷ ଜମିରେ ଆଖି ମୁଠି ଅନୁକୂଳ କରିଥିଲେ । କେନ୍ଦ୍ର ଓ ରାଜ୍ୟରେ ଶାସନାଧୀନ ବିଜେପି ସରକାର ଅନ୍ନଦାତା କୃଷକଙ୍କ ଆର୍ଥିକ ବିକାଶ ଓ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ବହୁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ବିଜେପି ନେତା ଶ୍ରୀ ରାୟ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପ ସଭାପତି ସତ୍ୟବାଦୀ ଚଇନି, ବିଜେପି ଯୁବ ନେତା ଦିଲ୍ଲୀପ କୁମାର ରାଉତ, ଯୁବ ନେତା ବିଶ୍ୱଜିତ୍ ଚାଟାର୍ଜୀ, ସତ୍ୟ ଶିବ ସୁନ୍ଦର କର,ଶିବ ଚରଣ ଜେନାଙ୍କ ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତର ବିଜେପି କାର୍ଯ୍ୟକର୍ତାଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କାର ନାଇଟ ୨୦୨୫ ଅନୁଷ୍ଠିତ




ପାରାଦୀପ, (ମହାଭାରତ): ରେକର୍ଡ ପଣ୍ୟ କାରବାର ସହ କ୍ରମାଗତ ଦ୍ୱିତୀୟ ଆର୍ଥିକ ବର୍ଷ ନିମନ୍ତେ ଦେଶର ଏକ ନମ୍ବର ବୃହତ ବନ୍ଦର ମାନ୍ୟତା ବଜାୟୀ ରଖିଥିବା ପାରାଦୀପ ବନ୍ଦର ପ୍ରାଧିକାରଣ ପକ୍ଷରୁ ଭୁବନେଶ୍ୱର ସ୍ଥିତ ହୋଟେଲରେ ପୁରସ୍କାର ନାଇଟ ୨୦୨୫ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପ୍ରକାଶ କରିଥିଲେ ଯେ ବନ୍ଦରର ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ହିତାଧିକାରୀ ପ୍ରମୁଖ ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧନା କରିବା ନିମନ୍ତେ ଏହା ଏକ ବିଶେଷ ମଂଚ । ସେମାନଙ୍କର ଯୋଗଦାନ ଯୋଗୁଁ ପାରାଦୀପ ବନ୍ଦର ସ୍ୱତନ୍ତ୍ର ୧୫କ୍ଟ ନିୟୁତ ମେଟ୍ରିକ ଟନ କ୍ଲବରେ ସାମିଲ ହୋଇଛି ଯାହାକି ଗୌରବ ବିଷୟ । ଲୁହାପଥର ଯାହାକି ବନ୍ଦର ର ସମୁଦାୟ ପଣ୍ୟ କାରବାରରେ ତୃତୀୟ ସିଂହଭାଗ ହାସଲ କରିଥାଏ କିନ୍ତୁ ବିଗତ ଆର୍ଥିକ ବର୍ଷରେ ରପ୍ତାନି ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇଥିଲା । ତେବେ ତାପଜ କୋଇଲା, ଏମୋନିୟମ ନାଇଟ୍ରେଟ, କୋଇଲା, ଜିପସମ ଓ ସାର ଭଳି ପଣ୍ୟ କାରବାର ର ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁଁ ବନ୍ଦର ଆଗକୁ ବଢ଼ିପାରିଲା । ଦେଶରେ ସମୁଦାୟ ଉପକୂଳ ଜାହାଜ ଚଳାଚଳ ଓ ପଣ୍ୟ କାରବାର ୨୫କ୍ଟ ନିୟୁତ ମେଟ୍ରିକ ଟନ ରହୁଥିବା ବେଳେ ପାରାଦୀପ ବନ୍ଦର ଏହାର ଏକାକି ୨୫ ପ୍ରତିଶତ ବା ୬୩.୭ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ବିଗତ ଆର୍ଥିକ ବର୍ଷରେ କରିପାରିଛି । ସେହିପରି ବନ୍ଦରର ବର୍ଥ ଉତ୍ପାଦକତା ୩୪ ହଜାର ୨୮କ୍ଟ ମେଟ୍ରିକ ଟନ ରହିଛି ଯାହାକି ଜାତୀୟ ହାରାହାରି ଦୁଇଗୁଣ ଅଟେ ।। ଏଥି ନିମନ୍ତେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ପିପିପି (ପବ୍ଲିକ ପ୍ରାଇଭେଟ ପାର୍ଟନେରସିପ) ଅପରେଟର, ସିପିଙ୍ଗ ଏଜେ[ ତଥା ଷ୍ଟିଭେଡୋର୍ସ ସଂସ୍ଥା ମାନଙ୍କୁ ବିଶେଷ ସାଧୁବାଦ ଜଣାଇଛନ୍ତି । ପୁରସ୍କାର ନାଇଟ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଅଭିବୃଦ୍ଧି ଓ ସଫଳତାର ଯାତ୍ରା ସହିତ ସମ୍ପୃକ୍ତ ସମସ୍ତଙ୍କ ସାମୁହିକ ପ୍ରୟାସ କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ, ବଣ୍ଟଁରପାଳ ଅନେକ ବିଦ୍ୟାଳୟରେ ଶତ ପ୍ରତିଶତ ପାସ

ଅନୁଗୋଳ, (ମହାଭାରତ): ବଣ୍ଟଁରପାଳ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ଆଜି ଅପରାହ୍ନ ୪ଘଟିକା ସମୟ ରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ପ୍ରକାଶ ପାଇଛି । ଅନୁଗୋଳ ଜିଲ୍ଲା ନାଲକୋ ସରସ୍ୱତୀ ବିଦ୍ୟା ମନ୍ଦିରରେ ଚଳିତ ବର୍ଷ ଲଗାତାର ସପ୍ତମ ଥର ପାଇଁ ୧୦୦%ପ୍ରତିଶତ ଫଳାଫଳ କରିଛନ୍ତି । ଚଳିତ ବର୍ଷ ମୋଟ୍ ୨୨୦ଜଣ ପରୀକ୍ଷାର୍ଥୀ ଥିବା ବେଳେ ସେଥି ମଧ୍ୟରୁ ୨୨୦ଜଣ ତଥା ୧୦୦%ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହାସଲ ହୋଇଛନ୍ତି ।ଚଳିତ ଥରପରୀକ୍ଷା ରେ ଅନଗୁଳ ଜିଲ୍ଲାର ନାଲକୋ ସରସ୍ୱତୀ ବିଦ୍ୟାମନ୍ଦୀର ସ୍କୁଲର ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ଚାନ୍ଦ ମୋଟ ୫୬୫ନମ୍ବର ୯୪.୧୭%ପ୍ରତିଶତ ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଦ୍ୱିତୀୟ ସ୍ଥାନରେ ରାଜନନ୍ଦିନି ସାମଲ, ଆୟୁଷ କୁମାର ବେହେରା, ପ୍ରତ୍ୟୁଷ କୁମାର ସାହୁ, ୫୬୦ନମ୍ବର ୯୩.୩୩% ପ୍ରତିଶତ ନମ୍ବର ରଖିଥିଲେ । ଅନନ୍ୟା ପୁଣ୍ୟ ତୋୟା ୫୪୬ନମ୍ବର ଥିବା ବେଳେ ୯୧.୦୦% ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଥିଲେ ।ସ୍କୁଲରେ ଇ୧–୯ଜଣ, ଇ୨–୧୬ଜଣ, ଈ୧–୪୩ଜଣ, ଈ୨–୬୦ଜଣ , ଉ–୬୩ଜଣ ଉ–୨୩ଜଣ ର –୬ଜଣ ପାସ କରି କୃତିତ୍ୱ ହାସଲ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଡ଼ଃ.ଶତ୍ରୁଘ୍ନ ବେହେରା, ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଓ ସମ୍ପାଦକ ଡ.ସୁଧାକର ପାଳ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅଭିବାବକ ମାନେ କୌଣସି ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କ ରେ ଦଲାଲ ଶିକାର ନହେବା ପାଇଁ ସ୍କୁଲର ଅଧକ୍ଷ ଅବଗତ କରାଇଥିଲେ ।ଠିକ ସେହିଭଳି ହରିହର କୁକୁଡ଼ାଙ୍ଗ ହାଇସ୍କୁଲ ରେ ୬୨ଜଣଙ୍କ ମଧ୍ୟରୁ ୫୮ଜଣ ପାସ କରି ୯୩.୫୪%ରଖି ଥିବା ବେଳେ , ବଳରାମ ପ୍ରସାଦ ହାଇସ୍କୁଲ ରେ ୭୬ଜଣ ପିଲାଙ୍କ ମଧ୍ୟରୁ ଶତ ପ୍ରତିଶତ ପାସ ହୋଇ ଛନ୍ତି ଇ୧ ରେ ସୁମିତ୍ ରଞ୍ଜନ ନାଏକ ୫୪୦ନମ୍ବର ରଖି ସ୍କୁଲ୍ ରେ ପ୍ରଥମ ହାଇ ଥିଲେ । ତୁଳସୀ ସାହୁ ଇ୨ ୪୯୭ନମ୍ବର ରଖି ଦ୍ୱିତୀୟ ଓ ଶ୍ରଦ୍ଧା ସୁମନ ସାମଲ ଇ୨ ୪୯୧ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆଲୁମିନିୟମ ହାଇସ୍କୁଲ କୁଲାଡ ରେ ୫୯ପିଲା ଙ୍କ ମଧ୍ୟରୁ ସମସ୍ତ ଛାତ୍ର ଛାତ୍ରୀ ପାସ କରିଥିଲେ । କୁରୁଡୋଲ୍ ହାଇସ୍କୁଲ ରେ ୭୮%ପାସ କରିଥିଲେ । ତଳମୂଳ ,ଜରାସିଂହ ,ତ୍ରିଶକ୍ତି, ଗଡସନ୍ତ୍ରି , ହାଇ ସ୍କୁଲ ରେ ଶତ ପ୍ରତିଶତ ପାସ ଛାତ୍ର ଛାତ୍ରୀ ପାସ କରିଛନ୍ତି । ସେହିଭଳି ଗୋତମରା ହାଇ ସ୍କୁଲ ରେ ୯୫% , ପିବିକେ ହାଇ ସ୍କୁଲ ରେ ୯୭% , ମହିଧରପୁର ହାଇ ସ୍କୁଲ ୯୫% , ନୂଆହତା ୮୯% ଛାତ୍ର ଛାତ୍ରୀ ପାସ କରିଛନ୍ତି । ବଣ୍ଟଁରପାଳ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି ଚଳିତ ବର୍ଷ ବଣ୍ଟଁରପାଳ ବ୍ଲକ ର ସମସ୍ତ ବିଦ୍ୟାଳୟ ଗୁଡ଼ିକ ର ବିବରଣୀ ପ୍ରଦାନ କରିବା ସହିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ଙ୍କ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ପି ଜି ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଗଜପତି, (ମହାଭାରତ) : ଆଜି ସ୍ଥାନୀୟ ଗୁରାଣ୍ଡିସ୍ଥିତ ମୀନକେତନ ସ୍ନାତକ ମହାବିଦ୍ୟାଳୟରେ ଶେଷ ବର୍ଷ ପିଜି ଛାତ୍ର ଛାତ୍ରୀଙ୍କ ବିଦାୟକାଳୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।ଉକ୍ତ କାର୍ଯ୍ୟକ୍ରମ ପିଜି କଳା ବିଭାଗ, ବିଜ୍ଞାନ ବିଭାଗର ଛାତ୍ର ଛାତ୍ରୀ ଯୋଗଦେଇଥିଲେ ।ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଗୋଦାବରୀ ଜେନା, ଅଧାପକ ଜି ନାଗେଶ୍ୱର ରାଓ ,ନ.ଭାନୁଶ୍ରୀ ,ଦୁର୍ଗା ପ୍ରସାଦ ପଟନାୟକ ,ଅଧାପିକା ମିନାକ୍ଷୀ ପାଣିଗ୍ରାହୀ, କଳ୍ପନା ମହାରଣା ,ଲାଇବ୍ରେରୀ ପ୍ରେମାନନ୍ଦ ପାଳ ,କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଉପଦେଶ ଦେଇଥିଲେ ।ଛାତ୍ର ଛାତ୍ରୀ ନିଜର କଲେଜ ପଢା ସମୟର ଅନୁଭୁତି କୁ ମନ ପକେଇ ଭାବ ବିହ୍ୱଳ ହେଇଯାଇଥିଲେ ନିଜର ସ୍ମୃତି ଚାରଣ କରିଥିଲେ ।

# ଗଣିଆ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦଯାପନୀ ଉତ୍ସବ



ଗଣିଆ,(ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍ଯାପନୀ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ମ*ରେ ପ୍ରଥମେ ସ୍ଥାନୀୟ କଳା ବିକାଶ ପରିଷଦର କଳାକାର ଓ ରାଜ୍ୟ ସରକାରଙ୍କ ତରଫରୁ ଆସିଥିବା ନୃତ୍ୟ ଅନୁଷ୍ଠାନର ନୃତ୍ୟ ମ*ରେ ହଇଚଇ ସୃଷ୍ଟି କରିଥିଲା । ଆୟୋଜିତ ଉଦ୍ଯାପନୀ ସଭାରେ ଲଙ୍କାପୋଡ଼ି ଯାତ୍ରା କମିଟିର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଧାନସଭାର ଶାସକ ଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ମୁଖ୍ୟ ବକ୍ତା କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଗଣିଆ ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ, ସାଂସଦଙ୍କ ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କର, ଯାତ୍ରା କମିଟିର ଉପଦେଷ୍ଟା ବିଭୂତି ଭୂଷଣ ପଣ୍ଡ, ଆନନ୍ଦ ଚନ୍ଦ୍ର ବେହେରା, ଗଣିଆ ସରପ* ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ ମଂଚରେ ଉପସ୍ଥିତ ଥିଲେ । ବାସ୍ତବିକ୍ ମହୋତ୍ସବ ସ୍ଥାନୀୟ କଳାକାର ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିବାର ସୁଯୋଗ ପାଇବା ସହିତ ଲୋକକଳା କୁ ଉଜ୍ଜୀବିତ କରି ଗଢି ତୋଳିବାର ଏକ ଉତ୍କୃଷ୍ଟ ମାଧ୍ୟମ । ରାଜ୍ୟରେ ମାତ୍ର ଆଠଟି ବ୍ଲକକୁ ନେଇ ଗଠିତ ଗଣିଆ ଏକ ଛୋଟ ବ୍ଲକ ରେ ଚାରି ଦିନ ଧରି ଲଙ୍କାପୋଡି ଯାତ୍ରା ଓ ପଲ୍ଲୀଶ୍ରୀ ମେଳା ସୁଚାରୁ ରୂପେ ଅନୁଷ୍ଠିତ ହୋଇ ଥିବାରୁ ଅତିଥିବୃନ୍ଦ , ସ୍ଥାନୀୟ ଜନସାଧାରଣ ଅତି ଖୁସି ପ୍ରକଟ କରିବା ସହ ଉପଭୋଗ କରି ଏହାର ମଜା ନେଇଥାଆନ୍ତି । ଉକ୍ତ ରାମାୟଣ ଲୋକକଳା ୧୯୭୨ ମସିହାରୁ ଆରମ୍ଭ ହୋଇ ଆଜିର ଦିନକୁ ୫୩ ବର୍ଷରେ ପଦାର୍ପଣ କରିଥିବାର ସୂଚନା ମିଳିଛି । ଗଣିଆ ର ରାମଲୀଳା ସଂସ୍କୃତିର ପୃଷ୍ଠ ଭୂମି ଓ ଐତିହ୍ୟ ପରମ୍ପରା କୁ ବର୍ଣ୍ଣନା କରିବା ସହ ଗଣିଆ ର ଉନ୍ନତି ଦିଗରେ ଆହୁରି ସହାୟକ ହେବ ଓ ଆଗାମୀ ସମୟରେ ଏହା ଅତି ସରସ ସୁନ୍ଦର ଓ ଆକର୍ଷଣୀୟ ଭାବେ ପାଳନ କରାଯିବ ବୋଲି ସଭାପତି ଓ ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏହି ମହୋତ୍ସବକୁ ସୁଚାରୁରୂପେ ନିଜର କାର୍ଯ୍ୟ ସମ୍ପାଦାନ କରିଥିବା ବ୍ୟକ୍ତି ବିଶେଷ , ସମାଜସେବୀ ଓ କମିଟିର ସଭ୍ୟ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମେଳାର ଅନ୍ତିମ ସନ୍ଧ୍ୟାରେ ଓଡ଼ିଶାର ଅଲିଉଡ ଜଗତରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ସଙ୍ଗୀତଜ୍ଞ ବା କଣ୍ଠଶିଳ୍ପୀ ଶଶାଙ୍କ ସେଖରଙ୍କ ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମି ଝୁମି ଭାବ ବିହୋଳ ହୋଇ ମାନସିକ ସ୍ତରରେ ସଙ୍ଗୀତ ଦୁନିଆରେ ହଜି ଯାଇଥିଲେ । ହଜାର ହଜାର ସଂଖ୍ୟାରେ ସମାଗମ ହୋଇଥିବା ଦର୍ଶକ ମାନଙ୍କୁ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପ୍ରଦାନ କରିବା ପାଇଁ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଙ୍କ ନେତୃତ୍ୱରେ କଡା ବ୍ୟବସ୍ଥା ସହିତ ସବୁସମୟରେ ସଜାଗ ରହିଥିବା ଗଣିଆ ପୋଲିସ ପ୍ରଶଂସିତ ହୋଇଥିବାର ଦେଖିବାକୁ ମିଳିଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଦୀର୍ଘ ଦିନର ଘଟିଲା ଅନ୍ତ ଭୂ-ବନ୍ଦୋବସ୍ତ କରିବା ନେଇ ନିର୍ଦ୍ଦେଶନାମା ଜାରି




ଆସିକା (ମହାଭାରତ): ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ପାଞ୍ଚଟି ମୌଜାରେ ଭୂ- ବନ୍ଦୋବସ୍ତ କରିବା ନେଇ ନିର୍ଦ୍ଦେଶନାମା ଗତ ୨୯ ତାରିଖରେ ପ୍ରକାଶିତ ହୋଇଛି ଓ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଆସିକା ଖମ୍ବେଶ୍ୱରୀ ପାଟଣା, ପାକଲା ପଲ୍ଲୀ,ନରସିଂହ ପଲ୍ଲୀ, ସୁନାମ୍ବ ଓ ଆସିକା ରାଜସ୍ୱ ଗ୍ରାମରେ ଭୂ-ବନ୍ଦୋବସ୍ତ କରିବା ନେଇ ରାଜ୍ୟର ଅତିରିକ୍ତ ମୁଖ୍ୟଶାସନ ସଚିବ ଦେବ ରଞ୍ଜନ ସିଂହ ଙ୍କ ସ୍ୱାକ୍ଷରରେ ପତ୍ରସଂଖ୍ୟା - ୧୫୮୯୯ ରେ ପ୍ରକାଶିତ ହୋଇଛି। ଆସିକା ସହରାଞ୍ଚଳ ଓ ଆଖପାଖ ଗ୍ରାମରେ ଭୂ ବନ୍ଦୋବସ୍ତ ହୋଇନଥିବାରୁ ସ୍ଥାୟୀ ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ସାଧାରଣ ଜନତାଙ୍କ ବାସ ଗୃହ ଓ ଚାଷ ଜମିର ପଟ୍ଟା ନଥିବାରୁ ନିଜର ଅସମୟରେ ବିକ୍ରୀ କିମ୍ବା ବ୍ୟାଙ୍କ୍ ଋଣ ପାଇବାରୁ ବଞ୍ଚିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଭୂ ବନ୍ଦୋବସ୍ତ କରି ସ୍ଥାୟୀ ପଟ୍ଟା ଯୋଗାଇବାକୁ ସରକାରଙ୍କ ନିକଟରେ ବହୁ ସଂଗଠନ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା।୨୦୧୭ ମସିହାରେ ଭୂ ବନ୍ଦୋବସ୍ତ କରି ସ୍ଥାଇ ପଟ୍ଟା ଯୋଗାଇବାକୁ ନେଇ ମଧ୍ୟ ସରକାରୀ ସ୍ତରରେ ନିର୍ଦ୍ଦେଶ ନାମା ପ୍ରକାଶ ପାଇଥିଲା ଓ ଏହି ୫ ଟି ଯାକ ମୌଜାର ସମସ୍ତ ଜମି ରେକର୍ଡ ଭୁକ୍ତ ହୋଇରହିଛି ଓ ଆଉ ବିଳମ୍ବ ନକରି ଆସିକାବାସିଙ୍କୁ ଭୂବନ୍ଦୋବସ୍ତ କରି ସ୍ଥାୟୀ ପଟ୍ଟା ଯୋଗାଇବାକୁ ସରକାର ଚୁଡାନ୍ତ ପଦକ୍ଷେପ ନେବେ ବୋଲି ଆଶା ଓ ବଶ୍ୱାସରେ ଅଞ୍ଚଳବାସୀ ରହିଛନ୍ତି।ପୁରୁଣା ରାଜସ୍ୱ ଦଲିଲକୁ ଯାଞ୍ଚ କରି ଆବେଦନକାରୀ ସମସ୍ତଙ୍କୁ ହାତ ଲିଖିତ ପଟ୍ଟା ଦିଆଯିବ ପାଇଁ ସ୍ଥିର ହୋଇଛି।

## ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ପକ୍ଷରୁ ପାଳିଲେ ବିଜୟ ଉତ୍ସବ ପାଳନ

ଆସିକା (ମହାଭାରତ) ରାଜ୍ୟ କଂଗ୍ରେସ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ପକ୍ଷରୁ ପାଳନ ହେଲା ବିଜୟ ଉତ୍ସବ। ଆସିକା କଂଗ୍ରେସ କାର୍ଯ୍ୟାଳୟ ଠାରେ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ଅଧକ୍ଷତାରେ ବିଜୟ ଉତ୍ସବ ପାଳନ ହୋଇଯାଇଛି।ଏହି ଅବସରରେ ସାନଖେମୁଣ୍ଡି ବିଧାୟକ ରମେଶ କୁମାର ଜେନା,ପି ସି ସି ସଭ୍ୟ ଦେବୀ ପ୍ରସାଦ ବିଷୋୟୀ, ବରିଷ୍ଠ କଂଗ୍ରେସ କର୍ମୀ ଗଙ୍ଗାଧର ଶତପଥୀ ଙ୍କ ଉପସ୍ଥିତିରେ ପାଳନ ହୋଇଯାଇଛି।ପ୍ରକାଶ ଥାଉକି ବିଗତ କିଛି ବର୍ଷ ହେଲା କଂଗ୍ରେସ ସୁପ୍ରିମୋ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଜାତି ଭିତ୍ତିକ ଜନଗଣନା କରିବା ପାଇଁ ବାରମ୍ବାର ଚାପ ପକାଇ ଆସୁଥିଲେ ଏହାକୁ ଭିତ୍ତି କରି ବିଜେପି ପକ୍ଷରୁ ପାର୍ଲାମେଣ୍ଟରେ ଆଗତ ହୋଇଛି।ଏହି ବିଲ କାର୍ଯ୍ୟକାରୀ ହେବା ଦ୍ୱାରା ସବୁ ଜାତିର ଲୋକ ସମାନ ମାନ୍ୟତା ପାଇବେ ଚାକିରୀ, ଶିକ୍ଷା କ୍ଷେତ୍ର ଭଳି ବିଭିନ୍ନ ସ୍ଥାନରେ ସମାନ ସୁଯୋଗ ପାଇ ପାରିବେ ବୋଲି ଉପସ୍ଥିତ ସମସ୍ତ କଂଗ୍ରେସ ପାର୍ଥି ନିଜ ଉଦବୋଧନ ରେ କହିଥିଲେ। ପରେ ବାଣ ଫୁଟାଇ ଏହି ଉତ୍ସବକୁ ପାଳନ କରିଥିଲା କଂଗ୍ରେସ।ଏହି ଅବସରରେ ଆସିକା ସାଂସଦ ପାର୍ଥି ଦେବକାନ୍ତ ଶର୍ମା, ସୋରଡ଼ା ବିଧାୟକ ପାର୍ଥି ହରେକୃଷ୍ଣ ରଥ,ଖଲିକୋଟ ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରା, ଆଇନଜୀବି ପ୍ରିୟାଂଶୁ ପରିଡା, ଶିବ ପ୍ରଧାନ,ରାମ ନାରାୟଣ ବିଶ୍ୱାସ ରାଏଙ୍କ ସମେତ ବହୁ ବିଧାୟକ ପାର୍ଥି, ଶହ ଶହ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ।

## ଆଦିବାସୀ ଉନ୍ନୟନ ସଂସ୍ଥା ବିଭାଗରେ ମହାଦୁର୍ନୀତି ସାମ୍ବାଦିକ ସମ୍ମିଳନୀ ରେ ମହା ଖୁଲସା କଲେ ଯୁବ ସମାଜ

କଲ୍ୟାଣସିଂହପୁର(ମହାଭାରତ); ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର କଲ୍ୟାଣ ମଣ୍ଡପ ଠାରେ ଯୁବ ସମାଜ ପକ୍ଷରୁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ବିରୋଧରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ।ଏଥିରେ ଆଦିବାସୀ ଉନ୍ନୟନ ପ୍ରକଳ୍ପ (ଆଇ ଟିଡିଏ) ତରଫରୁ ଏମ୍ ଜି ଏନ ଆର ଜି ଏ ରେ କଲ୍ୟାଣସିଂହପୁର ବ୍ଲକରେ ଦୁର୍ନୀତି ହୋଇଥିବା ନେଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହିପରି ବିଗତ ବର୍ଷ ରେ ମଧ୍ୟ ଅନେକ ଗୁଡିଏ କାମ ନ କରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି । କଲ୍ୟାଣସିଂହପୁର,ପଲମା, ଧାମୁନିପଙ୍ଗା,ସିଙ୍ଗାରି ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୨୨-୨୦୨୩,୨୦୨୩-୨୦୨୪ ଓ ୨୦୨୪-୨୦୨୫ ର କାର୍ଯ୍ୟ ତଦନ୍ତ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ଆଇଟିଡିଏ ସଂସ୍ଥା ର କନିଷ୍ଠ ଯନ୍ତ୍ରୀ ଅଚିନ୍ତା କୁମାର ପାଲ ଉକ୍ତ ବ୍ଲକରେ ପ୍ରାୟ ୫ବର୍ଷ ହେବ ବିନା କାର୍ଯ୍ୟ କରି ଟଙ୍କା ଆତ୍ମସାତ କରିଛନ୍ତି ଓ କୌଣସି ସ୍ଥାନରେ ସୂଚନା ଫଳକ ଲଗାଇନଥିବା ଅଭିଯୋଗ କରିଛନ୍ତି ।ସିଙ୍ଗାରିରେ ପ୍ରାୟ ୭ରୁ ୮ଟି ଚେକ ଡେମ କରିବା ଭଳି ଦେଖା ଯାଇଛି କିନ୍ତୁ ବିନା କାର୍ଯ୍ୟରେ ବିଲ ହୋଇଛି । ୫ବର୍ଷରେ ଅତି କମରେ ୨୦ଟି ଚେକ ଡେମ କରିଥିବା କାଗଜ କଲମରେ ଦର୍ଶାଇ ଥିବା ଅଭିଯୋଗ କରିଛନ୍ତି ।ସମୁଦାୟ୧୮୩ଟି କାର୍ଯ୍ୟରୁ ୯୦ଭାଗ କାର୍ଯ୍ୟ ବିନା ସାଇନ ବୋର୍ଡ ରେ କନିଷ୍ଠ ଯନ୍ତ୍ରୀ (ଏ କେ) ଅଚିନ୍ତା କୁମାର ପାଲ ବିଲ କରିଛନ୍ତି । ଉକ୍ତ ବ୍ଲକର ୧୪ଟି ପଞ୍ଚାୟତରେ ଥିବା ସ□ତ୍ତ୍ୱ କେବଳ ହାତ ଗଣତି ହିସାବରେ କିଛି ଲୋକଙ୍କୁ କାମ ଦେଇ ମାଲାମାଲ ହେଉଥିବା ଲିଖିତ ଅଭିଯୋଗ କରିଥିବା କହିଛନ୍ତି । ଏହାର ସଠିକ ଭିଜିଲାନ୍ସ ତଦନ୍ତ କରି କନିଷ୍ଠ ଯନ୍ତ୍ରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଯଦି ଆବଶ୍ୟକ ସ୍ଥଳରେ ବ୍ଲକ ସମସ୍ତ ଗରିବ ଓ ଚାଷୀ ଭାଇ ମାନଙ୍କୁ ନେଇ ଶାନ୍ତି ପୂର୍ଣ୍ଣ ଭାବରେ ଆଇଟିଡିଏ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ସମେଶ୍ୱର କୌଶଲ୍ୟା, ସେଲେବାନ କୌଶଲ୍ୟା, ରାମଦାସ ବେନିଆ, ସଞ୍ଜୁ ତିଆକା, ଅଙ୍ଗଦ ତିଆକା, କାମେଶ କାଡ୍ରାକା,ସୁରେନ୍ଦ୍ର କୌଶଲ୍ୟା ଗୋପାଳ ବିବାର ,ସନ୍ତୋଷ ବାଗ ନିରଞ୍ଜନ ମହନନ୍ଦିଆ ,ଶତ୍ରୁଘନ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ ।ଉକ୍ତ ବିଷୟ ନେଇ ପିଆଇଟିଡିଏ ସହକରି ଯନ୍ତ୍ରୀ ତ୍ରିଲୋଚନ ସେଠୀ ଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଖବର ବିଷୟରେ ଅବଗତ ଅଛି ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ।କିନ୍ତୁ କନିଷ୍ଠ ଯନ୍ତ୍ରୀ ପାଲ ଯୋଗାଯୋଗର ଆସୁନାହାନ୍ତି । ସହକରି ଯନ୍ତ୍ରୀ ଘଟଣାର ତଦନ୍ତ କରିବା ପାଇଁ କହୁଥିବା ବେଳେ (ପି ଆଇ ଟି ଡି ଏ )ପ୍ରକଳ୍ପ ନିର୍ଦ୍ଦେଶକ ହାତ ବାନ୍ଧୀ ଚୁପ ରହୁଥିବା ଜଣାପଡିଛି ।



## ସାପୁଆ ସଂରକ୍ଷିତ ଜଙ୍ଗଲରୁ ବେଧଡକ ବାଉଁଶ ଚାଲାଣ

# ଦିନ ରାତି ବେଧଡକ ଭାବେ ବାଉଁଶ ବୋହି ଚାଲିଛି ଘରୋଇ ସଂସ୍ଥା

ଖଣ୍ଡପଡ଼ା, ( ମହାଭାରତ ) : ଯେତେ ଲୁଚାଇଲେ ବି ଲୁଚୁନାହିଁ। ପ୍ରଥମେ ଫାଙ୍କିଲେ ପରେ ଜୋରିମାନା ହେବ ବୋଲି କହି ସମୟ ଗଡ଼ାଇଲେ। ଆଉ ଏବେ ମାନ୍ୟବର ହାଇକୋର୍ଟଙ୍କ ଛାଟ ବାଜିବା ପରେ ଦିନରାତି ଏକ କରି ବାଉଁଶ ବୁହା ଚାଲିଥିବା ଦେଖିବାକୁ ମିଳିଛି। ଫଳରେ ପୂରା ଘଟଣାରେ ବିଭାଗର ଅନିୟମିତତା ସ୍ପଷ୍ଟ ବାରି ହୋଇପଡୁଥିବା ଅଭିଯୋଗ ଆଣିଛି ଭାରତୀୟ ବିକାଶ ପରିଷଦ। ଖଣ୍ଡପଡ଼ା ବନା□ଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରୁ ବେଧଡକ ବାଉଁଶ ଚାଲାଣ ଘଟଣା ଦିନକୁ ଦିନ ନୂଆ ମୋଡ ନେଉଛି। କେବେ ଫାଇନ ଆଳ ଦେଖାଇ ବିଭାଗ ଖସିବାକୁ ଉଦ୍ୟମ କରୁଛି ତ କେବେ ପୁଣି ତଦନ୍ତ ଆଳରେ ଦିନ ଗଡି ଚାଲିଛି। ଆଉ ସଜ ସଜ ଏଥିରେ ଯୋଡି ହୋଇଛି ବାଉଁଶ ଉଠାଣ ଘଟଣା। ମିଳିଥିବା ସୂଚନା



ଅନୁଯାୟୀ, ବାଉଁଶ ଜଙ୍ଗଲରୁ ବେଧଡକ ବାଉଁଶ ଚାଲାଣ ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଏବେ ଉଦ୍ୟମ ଚଳାଇଛି ବନବିଭାଗ। ଏଭଳି ଅଭିଯୋଗ ଆଣିଛନ୍ତି ଭାରତୀୟ ବିକାଶ ପରିଷଦ କମିଟି। ସାପୁଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଦେଇ ଭାରତୀୟ ବିକାଶ ପରିଷଦ ର କିଛି କର୍ମୀ ଯାଉଥିବା ବେଳେ ଏକ ଟ୍ରକ୍ ଯୋଗେ ବାଉଁଶ ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ଏ ନେଇ ଅନୁସନ୍ଧାନ କରିବାରେ ଉକ୍ତ ଟ୍ରକ୍ଟି ନୟାଗଡ଼ ଯାଉଥିବା ସୂଚନା ଦିଆଯାଇଥିଲା। ତେବେ ଏତେ ବିପୁଳ ପରିମାଣର ବାଉଁଶ ଚାଲାଣ ହେଉଥିବା ବେଳେ ଘଟଣାସ୍ଥଳରେ ସ୍ଥାନୀୟ ବନ ବିଭାଗ କର୍ମଚାରୀ କିମ୍ବା ବାଉଁଶ ଜଙ୍ଗଲ ନିଲାମ ନେଇଥିବା ଏବଂ କାଟିଥିବା ଓଡ଼ିଶା ବନ ଉନ୍ନୟନ ନିଗମ କର୍ମଚାରୀ କେହି ହେଲେ ଉପସ୍ଥିତ ନ ଥିଲେ। ଏପରିକି କେଉଁ କମ୍ପାର୍ଟମେ□ରୁ କେତେ ବାଉଁଶ ଯାଉଛି ତାହାର ସୂଚନା ମଧ୍ୟ ଉକ୍ତ ଗାଡି ପକ୍ଷରୁ ଦିଆଯାଇନଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବାଉଁଶ ଲୋଡିଂ କରିବା ପାଇଁ ନିକଟସ୍ଥ ସାରେଣ୍ଡା ଗ୍ରାମର କିଛି ଆଦିବାସୀଙ୍କୁ ଅର୍ଥ ଲୋଭରେ ନିୟୋଜିତ କରାଯାଇଥିବା ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ସୂଚନା ମିଳିଛି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଘଟଣାକୁ ନେଇ ନାନା ତୁମ୍ବିତୋଫାନ ଚାଲିଥିବା ବେଳେ ବନବିଭାଗ କିମ୍ବା କର୍ପୋରେସନ ନିଜର ଆଭିମୁଖ୍ୟ ବଦଳାଇନଥିବା ସୂଚନା ମିଳିଛି। ଏପରିକି ମାମଲା କୋର୍ଟରେ ଥିବା ବେଳେ ମଧ୍ୟ ଅତ୍ୟନ୍ତ ତରବରିଆ ଭାବେ ନୟାଗଡ ବନଖଣ୍ଡ ପକ୍ଷରୁ କେଇ ହଜାର ଟଙ୍କା ଫାଇନ ଆଦାୟ କରି ବାଉଁଶ ଉଠାଇବାକୁ ଅଘୋଷିତ ମଞ୍ଜୁରି ଦିଆଯାଇଥିବା ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଦୁର୍ନୀତି ତଥା ଅନିୟମିତତାକୁ ଘୋଡ଼ାଇବା ଆଳରେ ବାଉଁଶ ଉଠାଇବାକୁ ମଞ୍ଜୁରି ଦିଆଯାଇଥିବା ଭାରତୀୟ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ, ସାପୁଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଅତ୍ୟନ୍ତ ସନ୍ତର୍ପଣର ସହିତ ବାଉଁଶ ଉଠାଇ ନୂଆଗାଁ ଦେଇ ଚାଲାଣ ହେଉଥିବା ଜଣାପଡିଛି। ସେହିପରି ଘଟଣାକୁ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଲୋକାୟୁକ୍ତ ଏବଂ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରାଯିବ ବୋଲି ଭାରତୀୟ ବିକାଶ ପରିଷଦ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ନଭେମ୍ବର ମାସରେ ପୁରୁଣା ବାଉଁଶ ଉଠାଇବା ଆଳରେ ନୂଆ ବାଉଁଶ ଜଙ୍ଗଲ କାଟିପକାଇଥିଲା କଟକର ଘରୋଇ ସଂସ୍ଥା ରୋମି କେମିକାଲସ୍।

## ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ-୨୦୨୫



ନବରଙ୍ଗପୁର (ମହାଭାରତ): ଆଜି ନବରଙ୍ଗପୁର ଜିଲ୍ଲାପାଳ ଡ଼। ଶୁଭଙ୍କର ମହାପାତ୍ର ଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା(ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଏବଂ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,, ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ,ମାନ୍ୟବର ଲୋକସଭା ସାଂସଦ ପ୍ରତିନିଧି ପ୍ରହ୍ଲାଦ ତ୍ରିପାଠୀ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ଦାସ, ନବରଙ୍ଗପୁର ପୌରପରିଷଦ ଅଧକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା , ଜିଲ୍ଲା ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ , ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ନିର୍ବାହି ଅଧିକାରୀ, ପୌର ସଂସ୍ଥା, ନବରଙ୍ଗପୁର ଏବଂ ଉମରକୋଟ ଯୋଗ ଦେଇଥିଲେ ।ବିପର୍ଯ୍ୟୟ ସମୟରେ ମିଳିତ ଭାବରେ ପରସ୍ପର ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଲେ ବିପର୍ଯ୍ୟୟ କୁ ଆମେ ସହଜରେ ଏଡାଇପାରିବା ବୋଲି ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଥିଲେ ବିଶେଷ କରି ବର୍ଷା ଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇ ପାରିବ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଥିବା ଦୁର୍ବଳ ନଦୀ ବନ୍ଧ ଗୁଡିକ ଶ୍ରୀଘ୍ର ଚିହ୍ନଟ କରି ତାର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଜିଲ୍ଲାପାଳ ଡ଼ଃ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ପ୍ରଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନି, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳ ମାନଙ୍କରେ ସମ୍ଭାବ୍ୟ ମହାମାରୀ କୁ ପ୍ରତିହିତ କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହିତ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେବା ସହିତ ବନ୍ୟା ପ୍ଲାବିତ ଅଞ୍ଚଳରେ ଆବଶ୍ୟକୀୟ ଔଷଧ ତଥା ସାପ କାମୁଡ଼ା ଇଞ୍ଜେକସନ୍ ,ହେଲୋଜିନ୍ ବଟିକା, ଓ ଆର୍ ଏସ୍, ବ୍ଲିଚିଙ୍ଗ ଇତ୍ୟାଦି ମହଜୁଦ ରଖିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ବିପର୍ଯ୍ୟୟ ସମୟରେ ଯେମିତି ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରି ଆଶ୍ରୟସ୍ଥଳୀ ରେ ରଖିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧା ସୁରକ୍ଷିତ ସ୍ଥାନାନ୍ତରିତ ଉପରେ ଆଲୋକପାତ କରିଥିଲେ । ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଞ୍ଚଳରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ବିଶୋଧିତ ଜଳ ଯୋଗାଣ ନଳକୂପ ବିଶୋଧନ, ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ଏବଂ ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧ କୁ ହଟାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ ।

## ସୁରେଶ ପୂଜାରୀଙ୍କ ଯାଜପୁର ଜିଲ୍ଲାଗସ୍ତ ଓ ରାଜସ୍ୱ ସମୀକ୍ଷା ବୈଠକରେ ଯୋଗଦାନ

ବଡଚଣା( ମହାଭାରତ) : ଆଜି ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଯାଜପୁର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରାଜସ୍ୱ ଅଧିକାରୀ ମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହି ବୈଠକରେ (ମ୍ୟୁଟେସନ କେସ), ଓ.ଏଲ.ଆର କେସ, ଏନକ୍ରୋଚମେ□ କେସ, ବସୁନ୍ଧରା ଯୋଜନା, ଜନ ଗଣନା, ଭୂ-ଲେଖ, ଜଙ୍ଗଲ ଜମି, ଶିକ୍ଷାନୁଷ୍ଠାନର ଜମି ପଟ୍ଟା ହସ୍ତାନ୍ତର, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ସମସ୍ୟା, ଇ-ଏମ.ପି.ଆର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମ୍ୟୁଟେସନ କେସ ଡିସପୋଜାଲ ସମୟ ସୀମା ମଧ୍ୟରେ ଶେଷ କରିବା, ଓ.ଏଲ.ଆର ଅପଡେଟ କରିବା, ସରକାରୀ ଜମିରୁ ଅନଧିକାର ହଟାଇବା, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି ଯୋଗାଇବା ସହ ଜମି ଚିହ୍ନଟ ଦେବା, ଜନଗଣନା ସମୟରେ, ଘରକୁ ଘର ବୁଲି ସର୍ଭେ କରିବା, ଭୂମିହୀନଙ୍କୁ ଚିହ୍ନଟ କରି ବସୁନ୍ଧରା/ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା, ଜଙ୍ଗଲଜମି ଅଧିକାର ଆଇନରେ ଜନଜାତିଙ୍କୁ ଜମିପଟ୍ଟା ଯୋଗାଇଦେବା ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଯୋଗାଇବା ସହ ଖେଳପଡିଆ, ପାଇଁ ୨ ଏକର ଜମି ଯୋଗାଇବା, ବିସ୍ଥାପିତଙ୍କୁ ସ୍ଥାନୀୟ ଶିକ୍ଷାନୁଷ୍ଠାନରେ ନିଯୁକ୍ତିରେ ପ୍ରାଥମିକତା ଯୋଗାଇଦେବାକୁ ଉପସ୍ଥିତି ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର କାମକୁ ଆସନ୍ତା କାଲିକୁ ନରଖିବା ପାଇଁ ପରାମର୍ଶ ଦେଇଥିଲେ। ଜନଗଣନା ସମୟରେ ଘରକୁ ଘର ବୁଲି ଗରିବ ଭୂମିହୀନଙ୍କୁ ଚିହ୍ନଟ କରିବା, ପ୍ରତ୍ୟେକ ମାସରେ ବି.ଡି.ଓ, ତହସିଲଦାର ବୈଠକ କରି ବସୁନ୍ଧରା ଯୋଜନାରେ ଘର ଯୋଗାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀ ଜିଲ୍ଲାର ରାଜସ୍ୱ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ,ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ,ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡି.ଏସ.ଆର, ଲାଇନ୍ ବିଭାଗ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳ ଗସ୍ତ କରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଥିଲେ।



## କୁନ୍ଦୁରା ବ୍ଲକ ୧୪ ଟି ହାଇସ୍କୁଲ ର ୯୬.୩୯ ଶତକଡା ପାସ୍

କୁନ୍ଦୁରା(ମହାଭାରତ)-ଚଳିତ ମାସ ୦୨ ତାରିଖ ଦିନ ଓଡିଶା ମାଧ୍ୟମିକ ବୋର୍ଡ ରେ ଦଶମ ବୋର୍ଡ ପରୀକ୍ଷା ଫଳାଫଳ ବାହାରିଛି । କୋରାପୁଟ ଜିଲ୍ଲା କୁନ୍ଦୁରା ର ୧୪ ଟି ହାଇସ୍କୁଲ ର ମୋଟ ୧୧୧୦ ଜଣ ଛାତ୍ର ଛାତ୍ରୀ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ସେଥି ରୁ ୧୦୭୦ ଜଣ ପରୀକ୍ଷାର୍ଥୀ ଶତକଡା ୯୬.୩୯% ହାରରେ ପାସ୍ କରିଥିବା ସୂଚନା ରହିଛି । ୧୪ ଟି ହାଇସ୍କୁଲ ର ଇ -୧ ଜଣେ ମଧ୍ୟ ପାଇନଥିବା ବେଳେ ଇ-୨ ରେଙ୍କ ରେ ୩ ଜଣ ପାସ୍ କରିଛନ୍ତି ।ଇ-୧ ରେଙ୍କ ରେ ୧୨ ଜଣ, ଇ-୨ ରେଙ୍କ ରେ ୭୮ ଜଣ ଓ ଉ ରେଙ୍କ ରେ ୨୬୧ ଜଣ ଛାତ୍ର ଛାତ୍ରୀ ପାସ୍ କରିଛନ୍ତି। ଦିଗାପୁର ଆବାସିକ ବିଦ୍ୟାଳୟ , ସରକାରୀ ଉତ୍ତୀତ ଉଚ୍ଚ ବିଦ୍ୟାଳୟ କଲାପୋଡ଼ା, ଉତ୍ତୀତ ଉଚ୍ଚ ବିଦ୍ୟାଳୟ ଗାଡ଼ଗୁଣ୍ଡାଳ ୧୦୦% ଛାତ୍ର ଛତ୍ରୀ ପାସ୍ କରିଛନ୍ତି । କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆବାସିକ ବିଦ୍ୟାଳୟ ଲିମା ର ସ୍ନେହାସ୍ମିତା ଚୌଧୁରୀ ୬୦୦ ମାର୍କ ରୁ ୫୩୦ ମାର୍କ ରଖି ଇ-୨ ରେଙ୍କ ରେ କୁନ୍ଦୁରା ବ୍ଲକ ପାଇଁ ଟପ୍ପର ହୋଇଛନ୍ତି । ସେହିପରି କୁନ୍ଦୁରା ସଦର ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ର ୨ ଜଣ ପରୀକ୍ଷାର୍ଥୀ ସୌରଭ ଦାସ -୫୧୨ ଓ ଓମ ସତ୍ୟପ୍ରକାଶ ପ୍ରଧାନ ୫୦୧ ମାର୍କ ରଖି ଇ-୨ ରେଙ୍କ ରେ କୁନ୍ଦୁରା ବ୍ଲକ ପାଇଁ ଦ୍ୱିତୀୟ ତୃତୀୟ ସ୍ଥାନ ରେ ରହିଛନ୍ତି। ଗତ ବର୍ଷ ଅପେକ୍ଷା କିଛି ବିଦ୍ୟାଳୟ ରେ ଭଲ ଫଳ ଆସିଥିବା ବେଳେ ଆଉ କିଛି ଉଚ୍ଚ କୋଟିର ଶିକ୍ଷାଦାନ ହେଉଥିବା ବିଦ୍ୟାଳୟ ରେ ଚଳିତ ଦଶମ ଫଳାଫଳ ନିରାଶ ଜନକ ରହିଥିବା କୁନ୍ଦୁରା ବ୍ଲକର ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବି□ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ଆଖପାଖ ଅଞ୍ଚଳ ତଥା ଜିଲ୍ଲା ମାନଙ୍କରେ ଇ-୧, ଇ-୨ ରେଙ୍କ ସର୍ବାଧିକ ରହୁଛି କେମିତି ? ଆମ ଅଞ୍ଚଳରୁ ଉତ୍କୃଷ୍ଟ ଶିକ୍ଷକ ଏବଂ ଶିକ୍ଷାଦାନ ସେହି ଅଞ୍ଚଳରେ ରହିଛି ବୋଧେ ସେଥିପାଇଁ ପ୍ରତେକ ବର୍ଷ ଭୁବନେଶ୍ୱର ତଥା ଆଖ ପାଖ ଜିଲ୍ଲା ରେ ହିଁ ଅଧିକା ଟପ୍ପର ବାହାରୁଛନ୍ତି ବୋଲି କିଛି ଶିକ୍ଷାବିତ ଓ ଅଭିଭାବକ କହିଥିଲେ।

## ମୁରିଆମ୍ବା ଗ୍ରାମବାସୀଙ୍କ ଦୁଃଖ କେବେ ଶୁଣିବ ପ୍ରଶାସନ

# ଗାଁକୁ ନାହିଁ ପକ୍କାରାସ୍ତା, ନାଳ ଉପରେ ନାହିଁ ପୋଲ

ନୂଆଗାଁ, ( ମହାଭାରତ ) : ନୂଆଗାଁ ବ୍ଲକ୍ ଗୁମୀ ପଞ୍ଚାୟତ ଅନ୍ତର୍ଗତ ମୁରିଆମ୍ବା ଗାଁ ଏଠାରେ ପ୍ରାୟ ୫୦ଟି ପରିବାର ବସବାସ କରନ୍ତି। ହେଲେ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଏହି ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ହୋଇପାରିନାହିଁ। ସେହିପରି ଭାବେ ଏଠାରେ ଥିବା କାଳିଆ ତଇଲା ନିକଟରେ ପୋଲ ନିର୍ମାଣ ହୋଇପାରିଲାନାହିଁ। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଙ୍କ ଠାରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ମୁରିଆମ୍ବା ଗ୍ରାମର ସମସ୍ୟା



ଗୁଡ଼ିକ ମଧ୍ୟରୁ ରାସ୍ତା ଓ ପୋଲ ନିର୍ମାଣ ସମସ୍ୟା ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଅସରାଏ ବର୍ଷା ହେଲେ ନଦୀରେ ପାଣି ଆସିବା ସହ ରାସ୍ତା ମଧ୍ୟ କାଦୁଅ ହୋଇଯାଇଥାଏ। ଯାହାଦ୍ୱାରା ଲୋକ ମାନେ ଏହି ରାସ୍ତା ଦେଇ ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରନ୍ତି। ନଦୀରେ ବଢ଼ି ଆସିଲେ ମୁରିଆମ୍ବା ଗ୍ରାମଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥାଏ। ପକ୍କାରାସ୍ତା ଓ ବ୍ରିଜ ସମସ୍ୟା ଲାଗି ଏଠାକୁ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପହଞ୍ଚି ପାରେନାହିଁ। ଯାହାଦ୍ୱାରା ଗର୍ଭବତୀ ଓ ଗୁରୁତର ରୋଗୀ ମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ଏଠାରେ ପକ୍କାରାସ୍ତା ଓ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକ ମାନେ କେତେ ନେତା ମାନଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ସେମାନେ ନିଜ ନିଜ ଢଙ୍ଗରେ ଲୋକ ମାନଙ୍କୁ ବୁଝାସୁଝା କରିଦେଇ ଛାଡିଦେଉଛନ୍ତି। ତେବେ ପ୍ରଶାସନିକ ସ୍ତରରେ ଅଣଦେଖାର ଶିକାର ହେବା ପରେ ଲୋକମାନେ ଆଉ କୌଣସି ଉପାୟ ନପାଇ କାନମୁଣ୍ଡି ଆଉଁସି ନିଜ ଭାଗ୍ୟକୁ ଆଦରି ଚଳି ଆସୁଛନ୍ତି। ତେବେ ପ୍ରଶାସନ ଏଥିପ୍ରତି ବିଶେଷ ଭାବେ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

## ପହଲଗାମ ଆକ୍ରମଣକାରୀଙ୍କୁ ଧରିବାକୁ ଶ୍ରୀଲଙ୍କାରେ ତଲାସୀ

କଲମ୍ବୋ: ପହଲଗାମ ଆକ୍ରମଣକାରୀଙ୍କୁ ଧରିବାକୁ ଶ୍ରୀଲଙ୍କାରେ ତଲାସୀ କରାଯାଇଥିଲା। ଚେନ୍ନାଇରୁ କଲମ୍ବୋ ବିମାନବନ୍ଦରରେ ପହଞ୍ଚିଥିବା ଏକ ବିମାନରେ ଖାନତଲାସୀ କରାଯାଇଥିଲା। ବିମାନରେ ପହଲଗାମ ଆକ୍ରମଣର ୬ଜଣ ସନ୍ଦିଗ୍ଧଥିବା ଗୁଇନ୍ଦା ସୂଚନା ଆଧାରରେ ଛାନଭିନ କରାଯାଇଥିବା ସୂଚନା ମିଳିଛି। ବିମାନ ଖାନତଲାସୀ କଥା ଶ୍ରୀଲଙ୍କା ଏୟାରଲାଇନ୍ସ ସ୍ବୀକାର କରିଛି। ବିମାନ ଯାଞ୍ଚ ଯୋଗୁଁ ପରବର୍ତ୍ତି ଉଡ଼ାଣ ମଧ୍ୟ ବିଳମ୍ବ ହୋଇଥିବା ଜଣାପଡ଼ିଛି।

## ପାକିସ୍ତାନରେ ମୁନିରଙ୍କ ଇସ୍ତଫା ଇମ୍ରାନଙ୍କ ମୁକ୍ତି ଦାବି ତେଜିଲା



ନୂଆଦିଲ୍ଲୀ : ପହଲଗାଓଁ ଆକ୍ରମଣ ପରେ ଭାରତର ସମରାଭ୍ୟାସ ପାକିସ୍ତାନକୁ ଚିନ୍ତାରେ ପକାଇଛି। ଭାରତ କିପରି ଏବଂ କେଉଁ ବାଟରେ ଆକ୍ରମଣ କରିବ ତାହାର ଭୟ ଘାରିଛି ପାକିସ୍ତାନ ସରକାର ଏବଂ ସେନାକୁ। ଏହା ଭିତରେ ପାକିସ୍ତାନ ସରକାରକୁ ଆଉ ଏକ ଆହ୍ବାନର ସାମ୍ନା କରିବାକୁ ପଡୁଛି, ତାହା ହେଉଛି ଦେଶବାସୀଙ୍କ ଅସନ୍ତୋଷ। ବର୍ତ୍ତମାନ ପରିସ୍ଥିତି ପାଇଁ ପାକିସ୍ତାନ ସରକାର ଏବଂ ସେନା ସମ୍ପୂର୍ଣ୍ଣ ଦାୟୀ ବୋଲି ପାକିସ୍ତାନବାସୀ ହୃଦବୋଧ କରିବାରେ ଲାଗିଛନ୍ତି। ଯେଉଁଥିପାଇଁ ସେମାନେ ଏବେ ପାକିସ୍ତାନ ସରକାରଙ୍କ ନିକଟରେ ପାକସେନା ମୁଖ୍ୟ ଆସିଫ ମୁନିରର ଇସ୍ତଫା ଦାବି କରିଛନ୍ତି। ତା' ସାଙ୍ଗକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜେଲରୁ ମୁକୁଳାଇବା ପାଇଁ ଦେଶବାସୀଙ୍କ ପକ୍ଷରୁ ଦାବି ଆରମ୍ଭ ହୋଇଛି। ଯାହା ସରକାରକୁ ଚିନ୍ତାରେ ପକାଇଛି। ଏଭଳି ସମୟରେ ଦେଶରେ କୌଣସି ପ୍ରକାର ଆନ୍ଦୋଳନାତ୍ମକ ପରିସ୍ଥିତି ଉପୁଜିଲେ ତାହା ସରକାର ପାଇଁ ଆହ୍ବାନପୂର୍ଣ୍ଣ ହୋଇଯିବ ବୋଲି କୁହାଯାଉଛି।

## ଗୁପ୍ତଚରୀ ଅଭିଯୋଗରେ ପାକିସ୍ତାନୀ ରେଞ୍ଜର ଅଟକ

ନୂଆଦିଲ୍ଲୀ: ସୀମା ସୁରକ୍ଷା ବାହିନୀ(ବିଏସଏଫ୍) ଯବାନମାନଙ୍କ ମଧ୍ୟରୁ ରାଜସ୍ଥାନରେ ଗୁପ୍ତଚରୀ କରୁଥିବା ଅଭିଯୋଗରେ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ଅଟକ ରଖାଯାଇଛି। ଭାରତ-ପାକିସ୍ତାନ ସୀମା ନିକଟରୁ ପାକିସ୍ତାନୀ ରେଞ୍ଜର ଧରାପଡ଼ିଥିବା ସୂଚନା ମିଳିଛି। ସୀମା ସୁରକ୍ଷା ବାହିନୀ(ବିଏସଏଫ୍) ଯବାନମାନେ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ଅଟକ ରଖିଛି। ପାକିସ୍ତାନ ରେଞ୍ଜରଙ୍କୁ ଅଟକ ରଖିବା ପରେ ବିଏସଏଫ୍ ରାଜସ୍ଥାନ ଫ୍ରଣ୍ଟିୟର ପଚରାଉଚରା କରୁଥିବା ଜଣାପଡ଼ିଛି। ରାଜସ୍ଥାନ ଶ୍ରୀଗଙ୍ଗାନଗରରେ ଗୁପ୍ତଚରୀ କରୁଥିବା ଅଭିଯୋଗରେ ପାକିସ୍ତାନ ରେଞ୍ଜରଙ୍କୁ ଅଟକ ରଖାଯାଇଛି। ୨୩ରେ ଜଣେ ବିଏସଏଫ୍ ଯବାନଙ୍କୁ ଗିରଫ କରିଥିଲା ପାକିସ୍ତାନ। ପଞ୍ଜାବରୁ ଧରି ତାଙ୍କୁ ପାକିସ୍ତାନୀ ରେଞ୍ଜର ଏ ପର୍ଯ୍ୟନ୍ତ ଛାଡ଼ି ନାହାନ୍ତି।

## ପିଓକେରେ ୧୦୦୦ରୁ ଅଧିକ ମଦ୍ରାସା ବନ୍ଦ

ନୂଆଦିଲ୍ଲୀ: ପିଓକେରେ ଭାରତ ତରଫରୁ ସମ୍ଭାବ୍ୟ ସୈନ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା କରି ୧୦୦୦ରୁ ଅଧିକ ମଦ୍ରାସାକୁ ବନ୍ଦ କରାଯାଇଛି । ଭୟରେ ୧୦୦୦ରୁ ଅଧିକ ମଦ୍ରାସାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଇଛି । ପହଲଗାମ୍ ପ୍ରତିଶୋଧ ନେବାକୁ ଆକ୍ସନ ମୋଡକୁ ଆସିଥିବା ଭାରତ ଆକ୍ରମଣ ପରେ ପାକିସ୍ତାନକୁ ବୁଦ୍ଧି ଶିଖାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛି । ତେଣୁ ଭାରତର ଆକ୍ରମଣ ଏବଂ ସମ୍ଭାବ୍ୟ ଯୁଦ୍ଧର ଭୟ ପାକିସ୍ତାନକୁ ଘାରିଥିବା ବେଳେ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ପାକିସ୍ତାନ ପିଓକେରେ ଏମରଜେନ୍ସି ପରି ପରିସ୍ଥିତି ସୃଷ୍ଟି କରିଛି । ମଦ୍ରାସା ବନ୍ଦ ଥିବା ସହ ୧୦ ଦିନ ଯାଏଁ ପିଓକେରେ ଧାର୍ମିକ ଆୟୋଜନ ଉପରେ କଟକଣା ଲଗାଯାଇଛି । ୧୦ ଦିନ ଯାଏଁ କୌଣସି ଧାର୍ମିକ କାର୍ଯ୍ୟକ୍ରମ ହୋଇପାରିବନି । ଖାଲି କଣ ସେତିକି ପିଓକେର ନାଗରିକମାନଙ୍କୁ ଦୀର୍ଘ ସମୟ ପାଇଁ ଖାଦ୍ୟ ଶସ୍ୟ ସଂରକ୍ଷଣ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମୁଜାଫରବାଦରେ ଥିବା ଆପତ୍ତକାଳୀନ ସେବା କର୍ମୀ ସ୍କୁଲରେ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ପିଲାମାନେ ବ୍ୟାଣ୍ଡେଜ କରିବା, ଷ୍ଟ୍ରେଚରରେ ଲୋକମାନଙ୍କୁ ନେବା, ନିଆଁ ଲିଭାଇବା ଇତ୍ୟାଦି ଟ୍ରେନିଂ ଦିଆଯାଉଛି । ସୂଚନାଯୋଗ୍ୟ, ୨୨ ଏପ୍ରିଲରେ ପାକିସ୍ତାନରୁ ଆସିଥିବା ଆତଙ୍କବାଦୀଙ୍କ ଏକ ଗ୍ରୁପ କାଶ୍ମୀର ପହଲଗାମର ବୈସରଣ ଉପତ୍ୟକାରେ ବୁଲୁଥିବା ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ହତ୍ୟା କରିଥିଲେ । ଏଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା । ଏପରି ସ୍ଥିତିରେ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟନ ସ୍ଥଳ ଓ ରିସୋର୍ଟ ବନ୍ଦ ନେଇ ଜମ୍ମୁ କଶ୍ମୀର ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି ।

## ନାବାଳିକାକୁ ଗଣଦୁଷ୍କର୍ମ: ୯ ଗିରଫ

ରାଜସ୍ଥାନ : ରାଜସ୍ଥାନର ଝାଲାବାଡ଼ ଜିଲ୍ଲାରେ ପୁଣି ଲଜ୍ୟାଜନକ ଘଟଣା । ୧୭ ବର୍ଷୀୟ ନାବାଳିକାକୁ ୯ ଜଣ ଯୁବକଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ କରିଛି ପୋଲିସ । ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ନାବାଳକ ସହିତ ୯ ଜଣଙ୍କୁ ଗିରଫ କରିଛି । ଖବର ମୁତାବକ, ଗତ ମଙ୍ଗଳବାର ରାତିରେ ଗାଁକୁ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଆସିଥିବା ୧୭ ବର୍ଷୀୟ ନାବାଳିକା ଜଣ ଶୌଚ ହେବା ପାଇଁ ବିଲକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତମାନେ ନାବାଳିକାକୁ ଧରି ନେଇ ଏକ ଶୂନଶାନ ଜାଗାକୁ ନେଇ ଗଣଦୁଷ୍କର୍ମ କରିଥିଲେ । ଏହାପରେ ନାବାଳିକାକୁ ଛାଡି ଦେଇଥିଲେ । ନାବାଳିକା ଜଣକ ଘରେ ଆସି ଏସବୁ କହିଥିଲେ । ଘର ଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲାରେ ଡିଏସପି ବ୍ରିଜେଶ କୁମାର କହିଛନ୍ତି, ପୀଡିତା ଜଣକ ଅଭିଯୋଗ କରିବା ପରେ ଭାରତୀୟ ନ୍ୟା ସଂହିତା ଏବଂ ଯୌନ ଅପରାଧରୁ ପିଲାଙ୍କୁ ସଂରକ୍ଷଣ ଅଧିନିୟକ ଧାରା ଅଧିନରେ ମାମଲା ଦାୟର କରାଯାଇଛି । ଅଭିଯୁକ୍ତଙ୍କ ପରିଚୟ ମିଳିବା ପରେ ସେମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କୁ ଶୁକ୍ରବାର ଦିନ ପୋକସୋ କୋର୍ଟରେ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯାଇଛି । ନାବାଳକ ଅଭିଯୁକ୍ତକୁ କିଶୋର ନ୍ୟାୟ ବୋର୍ଡ ନିକଟରେ ହାଜର କରାଯାଇଛି । ଏହାପରେ ତାଙ୍କୁ କିଶୋର ଆଶ୍ରମ ଗୃହ ପଠାଇବାକୁ ଆଦେଶ ଦିଆଯାଇଛି । ତେବେ ଯାଞ୍ଚରୁ ଜଣାପଡିଛି ଯେ, ପୀଡିତା ଜଣକ କିଛି ଅଭିଯୁକ୍ତଙ୍କ ସହିତ ଜଣାଶୁଣା ଥିଲା । ପୋଲିସ ମାମଲାର ଯାଞ୍ଚ କରୁଛି ।

# ସିନ୍ଧୁ ନଦୀରେ ବନ୍ଧ ନିର୍ମାଣ କଲେ ଧ୍ୱଂସ କରିଦେବୁ: ପାକିସ୍ତାନ

ନୂଆଦିଲ୍ଲୀ: ପାହଲଗାମ ଆକ୍ରମଣ ପରେ ଭାରତର କଠୋର କାର୍ଯ୍ୟାନୁଷ୍ଠାନ ପାକିସ୍ତାନକୁ ଶକ୍ତ ଝଟକା ଦେଇଛବି । ବ୍ୟତିବ୍ୟସ୍ତ ହୋଇ ପଡ଼ିଛି ପାକିସ୍ତାନ । ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିଦେବା ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖା ଦେଇଛି । ଯାହା ପରେ ପାକିସ୍ତାନ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଛି । ଏହାରି ମଧ୍ୟରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଭାରତକୁ ଧମକ ଦେଇଛନ୍ତି । ଯଦି ସିନ୍ଧୁ ନଦୀର ପାଣି ବନ୍ଦ କରିବା ପାଇଁ ଭାରତ ବନ୍ଧ ତିଆରି କରେ ତେବେ ପାକିସ୍ତାନ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେବ । ଏକ ଇଣ୍ଟରଭ୍ୟୁରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତରର ବିଭିନ୍ନ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ମୁଣ୍ଡ ଗରମ ହୋଇ ଯାଇଛି । ତେଣୁ ନିଜକୁ ସମ୍ଭାଳି ନପାରି ଉତ୍ତେଜଜିତ ହୋଇ ଭାରତକୁ ଧମକ ଦେଇଛି । ସିନ୍ଧୁ ଜଳ ଚୁକ୍ତି ରଦ୍ଦ ପରେ ଏବେ ପାକସ୍ତାନରେ ଭାଳେଣି ପଡ଼ିଛି। ସିନ୍ଧୁ ଜଳକୁ କସ୍ମିନ କାଳେ ଛାଡିବୁନି । ସିନ୍ଧୁ ଜଳ ଅଧିକାରକୁ ଛାଡିବୁନି। ଯଦି ଭାରତ କିଛି ବି କରେ ତେବେ ଆକ୍ରମଣ ହେବ ବୋଲି କହିଛନ୍ତି ପାକିସ୍ତାନ ସରକାର। ନିଜ ପ୍ରତିକ୍ରିୟା ଦେଇ ପାକ୍ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ସିନ୍ଧୁ ନଦୀ ଜଳକୁ ରୋକିବା ପାଇଁ ଯଦି କୌଣସି ବି ନିର୍ମାଣ କାର୍ଯ୍ୟ ଭାରତ କରେ ତେବେ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେବନି ପାକିସ୍ତାନ । ସବୁ ନିର୍ମାଣକୁ ନଷ୍ଟ କରାଯିବ ବୋଲି କହିଛନ୍ତି ପାକିସ୍ତାନ



ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ । ଯଦି ଭାରତ ଏଭଳି କିଛି ନିଷ୍ପତ୍ତି ନେବାକୁ ଚେଷ୍ଟା କରେ ବା ସିନ୍ଧୁ ନଦୀ ଜଳକୁ ଅନ୍ୟତ୍ର ମୋଡିବା ପାଇଁ ପ୍ରୟାସ କରେ ତେବେ ପାକିସ୍ତାନ ସେସବୁକୁ ଧ୍ୱଂସ କରିଦେବ। ସୂଚନା ଥାଉ କି ପହଲଗାମ ଆକ୍ରମଣର କିଛି ଘଣ୍ଟାପରେ ଭାରତ ସିନ୍ଧୁ ନଦୀର ଜଳଚୁକ୍ତିକୁ ସ୍ଥଗିତ କରିଦେଇଛି । ଅନ୍ୟପଟେ ଜମ୍ମୁ ଓ କାଶ୍ମୀର ପହଲଗାମ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇ ଥିଲେ । ଯାହା ପରେ ଭାରତ ପ୍ରଥମେ ପାକ୍ ବିରୋଧରେ ସିନ୍ଧୁ ନଦୀ ଚୁକ୍ତିନାମାକୁ ସ୍ଥଗିତ କରିଥିଲା । ଧୀରେ ଧୀରେ ଭାରତ ପାକିସ୍ତାନ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଲାଗିଛି । ଭାରତ ପାକିସ୍ତାନର ଅନେକ ସୋସିଆଲ ମିଡିଆ ଆକାଉଣ୍ଟ ସମେତ କେତେକ କଳାକାରଙ୍କୁ ବ୍ୟାନ କରିଛି । ଏଥି ସହିତ ଆଜି ପାକିସ୍ତାନକୁ ସମସ୍ତ ଡାକ, ପାର୍ସଲ ସେବାକୁ ମଧ୍ୟ ବନ୍ଦ କରି ଦିଆଯାଇଛି । ଉଭୟ ଦେଶ ମଧ୍ୟରେ ସମ୍ପର୍କ ଦିନକୁ ଦିନ ଆହୁରି ବିଗିଡ଼ିବାରେ ଲାଗିଛି । ଏହା ମଧ୍ୟ ଅନୁମାନ କରାଯାଉଛି କି ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ଖରାପ ହୋଇପାରେ ।

## ସେନାର ପ୍ରସ୍ତୁତି ସହ ମିସାଇଲ ଟେଷ୍ଟ କଲା ପାକିସ୍ତାନ

ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରେ ଭାରତ ଭୟରେ ପାକିସ୍ତାନର ଯୁଦ୍ଧ ପ୍ରସ୍ତୁତି । ଅନୁରୋଧ କ୍ରମେ ଅନ୍ୟ ଦେଶରୁ ଅସ୍ତ୍ରଶସ୍ତ୍ର ଯୋଗାଡ କରିବା ଆରମ୍ଭ କରିଛି । ଯେଉଁଥି ପାଇଁ ଆଜି ପାକିସ୍ତାନ କ୍ଷେପଣାସ୍ତ୍ରର ପରୀକ୍ଷଣ ନୀରିକ୍ଷଣକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି । ଭାରତର କଠୋର ମନୋଭାବକୁ ନେଇ ପାକିସ୍ତାନ ଭବିଷ୍ୟତରେ ବିପଦର ବାତାବରଣ ସୃଷ୍ଟି କରିବା ପ୍ରସ୍ତୁତିରେ କୌଣସି ପଛଘୁଞ୍ଚା ଦେଉନାହିଁ । ମିଶାଇଲ ନାମ ଅବଦଲି ବୋଲି ସୂଚନା ମିଳୁଛି । ପରୀକ୍ଷଣରୁ ଜଣାପଡିଛି ଯେ, ଏହାର ଲକ୍ଷ୍ୟଭେଦ କ୍ଷମତା ୪୫୦ କିଲୋମିଟର । ଭାରତ-ପାକିସ୍ତାନ ଉତ୍ତେଜନା ବେଳେ ସେନାର ପ୍ରସ୍ତୁତି ସହ ମିସାଇଲ ଟେଷ୍ଟ କଲା ପାକିସ୍ତାନ। ସରଫେସ୍-ଟୁ-ସରଫେସ୍ ଅବଦାଲି ମିସାଇଲ ସିଷ୍ଟମ୍ ପରୀକ୍ଷା



କରିଛି ପାକିସ୍ତାନ। ୪୫୦ କିଲୋମିଟର ରହିଛି ଏହାର ଲକ୍ଷ୍ୟଭେଦ କ୍ଷମତା। ପାକିସ୍ତାନ ସେନା ବାହିନୀ ନିଜର ଅପରେସନ୍ ରେଡିନେସ୍ ପ୍ରଦର୍ଶନ କରିବାକୁ ଏହି ମିସାଇଲ ଟେଷ୍ଟ କରିଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହୋଇ ପାରିବ ଏହି କ୍ଷେପଣାସ୍ତ୍ର। ଅନ୍ୟପଟେ ଚଳିତ ସପ୍ତାହରେ ବାଲିଷ୍ଟିକ ମିସାଇଲ ଟେଷ୍ଟ କରିବାକୁ ପ୍ରସ୍ତୁତି ଚଳାଇଛି ପାକିସ୍ତାନ। ଏଣେ ୩ ସେନା ଦେଖାଉଛନ୍ତି ପରାକ୍ରମ । ଆରବ ସାଗରରେ ଭାରତୀୟ ନୌସେନାର ଘନଘନ ମିସାଇଲ ପରୀକ୍ଷା । ଶତ୍ରୁକୁ ସିଧା ବାର୍ତ୍ତା ଦେଇଛି ନେଭି। ଯେକୌଣସି ମୁହୂର୍ତ୍ତରେ ଅମେ କରିପାରିବୁ ହମଲା । ସେପଟେ ଏକ୍ସପ୍ରେସ୍ ୱେ'ରେ ନାଇଟ ଲ୍ୟାଣ୍ଡିଂ କରିଛି ଭାରତୀୟ ବାୟୁ ସେନାର ଲଢୁଆ ଫାଇଟର। ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶ ଗଙ୍ଗା ଏକ୍ସପ୍ରେସ ୱେରେ ଭାରତୀୟ ବାୟୁ ସେନା କରିଛି ଟଚ୍ ଆଣ୍ଡ ଗୋ ଟ୍ରାଏଲ । ଡ୍ରିଲରେ ରାଫେଲ, ସୁଖୋଇ-୩୦, ମିରାଜ-୨୦୦, ମିଗ୍ ୨୯, ଉ-୧୩୦ଔ ସୁପର ହରକୁଲସ, ଇଘ-୩୨ ଏବଂ ଏମଆଇ-୧୭ ହେଲିକପ୍ଟର ସାମିଲ ହୋଇଥିଲା । ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରି କହିଛନ୍ତି ଯେ, ପୀଡିତମାନଙ୍କୁ ଖୁବ୍ ଶୀଘ୍ର ଉପଯୁକ୍ତ ନ୍ୟାୟ ଦିଆଯିବ । ଏହି ସମୟରେ ପାକିସ୍ତାନ ଭୟରେ ଅନେକ ପ୍ରସ୍ତୁତି କରିଚାଲିଛି । ଏହା ସହିତ ଅନ୍ୟ ଦେଶ ନିକଟରେ ନିବେଦନ କରୁଛି । ଲୋକମାନଙ୍କୁ ଜରୁରୀ ଜିନିଷ ମାଗି ସଂଗ୍ରହ କରିବାରେ ମାତିଛି ।

## ପୁଣି ଅଧରାତିରେ ଏଲଓସିରେ ପାକିସ୍ତାନର ଅସ୍ତ୍ରବିରତି ଉଲଂଘନ

ନୂଆଦିଲ୍ଲୀ: ପ୍ରକୃତି ଛାଡୁନି ପାକିସ୍ତାନ । ବାରମ୍ବାର ଭାରତୀୟ ସେନାକୁ ଉସୁକାଇବାକୁ ଚେଷ୍ଟା କରୁଛି।। ପାକିସ୍ତାନୀ ସେନା ପୁଣି ଥରେ ଜମ୍ମୁ ଓ କଶ୍ମୀରର ନିୟନ୍ତ୍ରଣ ରେଖାରେ ଯୁଦ୍ଧବିରତି ଉଲ୍ଲଂଘନ କରିଛି। ଏକାଧିକ ପାକିସ୍ତାନୀ ପୋଷ୍ଟରୁ ଗୁଳିମାଡ଼ ହେଉଛି। ଗତକାଲି ରାତିସାରା ଏଲଓସିର ବାରମୁଲ୍ଲା, କୁପୱାରା, ପୁଞ୍ଛ ନୌସେରା ଓ ଅଖନୁର ସେକ୍ଟରରେ ବିଭିନ୍ନ ସ୍ଥାନରୁ ଗୁଳିମାଡ଼ ହେଉଛି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଟେନସନ୍ ବଢୁଥିବା ବେଳେ ଅଶାନ୍ତ ହୋଇଛି ଏଲଓସି । ଗତ ୧-୨ ମଇ ୨୦୨୫ ରାତିରେ ପାକିସ୍ତାନୀ ସେନା କୁପୱାଡ଼ା, ବାରାମୁଲା, ପୁଞ୍ଛ, ନୌଶେରା ଓ ଅଖନୂର ଅଞ୍ଚଳରେ ଭାରତୀୟ ଚୌକିଗୁଡ଼ିକୁ ନିଶାନା କରି ଅନାବଶ୍ୟକ ଭାବେ ଛୋଟ ଅସ୍ତ୍ରଶସ୍ତ୍ରରୁ ଗୁଳିଚାଳନା ଆରମ୍ଭ କରିଥିଲା । ପାକିସ୍ତାନ ସେନାର ଘନଘନ ଗୁଳିମାଡ଼ କରୁଛି। ଏହାର ମୁହଁତୋଡ଼ ଜବାବ ଦେଉଛି ଭାରତ। ଭାରତୀୟ ଯବାନ ପାଲଟା ଗୁଳି ବର୍ଷା କରୁଛନ୍ତି । ଭାରତୀୟ ସେନାର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ପାକିସ୍ତାନୀ ସେନା ରାତିରେ ଗୁଳିଚାଳନା ଆରମ୍ଭ କରିଥିଲା । ଏହି ଗୁଳିଚାଳନା କୁପୱାଡ଼ା ଓ ପୁଞ୍ଛ ଜିଲ୍ଲା ସହିତ ଅନ୍ୟାନ୍ୟ ସୀମାନ୍ତ ଅଞ୍ଚଳରେ ଘଟିଥିଲା।



ଭାରତୀୟ ସୈନ୍ୟମାନେ ସଂଯମର ସହ କିନ୍ତୁ ପ୍ରଭାବୀ ଢଙ୍ଗରେ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହି ଘଟଣାରେ ଭାରତୀୟ ପକ୍ଷରେ କୌଣସି କ୍ଷୟକ୍ଷତିର ଖବର ନାହିଁ, କିନ୍ତୁ ପାକିସ୍ତାନୀ ସେନାର କିଛି ବେସ୍ କ୍ୟାମ୍ପ ଧ୍ୱଂସ ହୋଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ୨୨ ଏପ୍ରିଲରେ ପାକିସ୍ତାନରୁ ଆସିଥିବା ଆତଙ୍କବାଦୀଙ୍କ ଏକ ଗ୍ରୁପ କାଶ୍ମୀର ପହଲଗାମର ବୈସରଣ ଉପତ୍ୟକାରେ ବୁଲୁଥିବା ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ହତ୍ୟା କରିଥିଲେ। ଏଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା । ଏପରି ସ୍ଥିତିରେ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟନ ସ୍ଥଳ ଓ ରିସୋର୍ଟ ବନ୍ଦ ନେଇ ଜମ୍ମୁ କଶ୍ମୀର ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି ।

## ପାକିସ୍ତାନକୁ ସମସ୍ତ ପ୍ରକାର ଡାକ ଓ ପାର୍ସଲ ସେବା ଉପରେ ରୋକ

ନୂଆଦିଲ୍ଲୀ: ଭାରତ ପାକିସ୍ତାନ ବିରୁଦ୍ଧରେ ଆଉ ଏକ ବଡ଼ ପଦକ୍ଷେପ ନେଇଛି। ଏହି ନିଷ୍ପତ୍ତି ଉଭୟ ବିମାନ ଓ ସ୍ଥଳପଥ ପାଇଁ ଲାଗୁ ହୋଇଛି । ଆଜି ସରକାର ପାକିସ୍ତାନରୁ ଆସୁଥିବା ସମସ୍ତ ପ୍ରକାରର ପୋଷ୍ଟ ଏବଂ ପାର୍ସଲକୁ ବାନ କରିଛନ୍ତି। ମନ୍ତ୍ରଣାଳୟ କହିଛି ଯେ ଭାରତ ସରକାର ପାକିସ୍ତାନରୁ ଆସୁଥିବା ସମସ୍ତ ପ୍ରକାରର ଡାକ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭୟଭୀତ ରହିଛି ପାକିସ୍ତାନ । ପୂର୍ବରୁ ଭାରତ ପାକିସ୍ତାନରୁ ସମସ୍ତ ପ୍ରକାରର ଆମଦାନୀ ଉପରେ ନିଷେଧ କରିଥିଲା । ଦେଶର ସୁରକ୍ଷା ଏବଂ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସରକାର କହିଛନ୍ତି । ଏହି ନିୟମ ପାକିସ୍ତାନରୁ ଆସୁଥିବା କିମ୍ବା ଯାଉଥିବା ସମସ୍ତ ସାମଗ୍ରୀ ପାଇଁ ଲାଗୁ ହେବ । ବାଣିଜ୍ୟ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରିଛି । ଏଥିରେ କୁହାଯାଇଛି ପାକିସ୍ତାନରୁ ଆସୁଥିବା କିମ୍ବା ପାକିସ୍ତାନକୁ ରପ୍ତାନି ହେଉଥିବା ସମସ୍ତ ସାମଗ୍ରୀର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆମଦାନୀ କିମ୍ବା ପରିବହନ ତୁରନ୍ତ ପ୍ରଭାବରୁ ନିଷିଦ୍ଧ କରାଯାଇଛି । ଏହି ନିଷେଧ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜାରି ରହିବ । ଦେଶର ସୁରକ୍ଷା ଏବଂ ସାର୍ବଜନୀନ ନୀତିକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିଷେଧରୁ ମୁକ୍ତ ପାଇବା ପାଇଁ, ପ୍ରଥମେ ଭାରତ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାର ସମସ୍ତ ସ୍ୱଳ୍ପକାଳୀନ ଭିସା ଥିବା ପାକିସ୍ତାନୀ ନାଗରିକଙ୍କୁ ଭାରତ ଛାଡିବାକୁ ନିର୍ଦ୍ଦେଶ ଦେବା ପରେ ଗୁରୁବାର ଦୁଇ ଦେଶ ମଧ୍ୟରେ ଥିବା ଅଟାରୀ-ୱାଘା ସୀମା ପରିବହନ ସ୍ଥାନକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା । ସୀମା ପାର ହେବା ପାଇଁ ଲୋକଙ୍କ ଏକ ସପ୍ତାହ ଧରି ପ୍ରବଳ ଗତିବିଧି ପରେ ଏହାକୁ ବନ୍ଦ କରିଦିଆଯାଇଥିବା ସୂତ୍ରରୁ ଜଣାପଡିଛି । ବୁଧବାର ଦିନ ଅଟାରୀ-ୱାଘା ସୀମା ଦେଇ ମୋଟ ୧୨୫ ଜଣ ପାକିସ୍ତାନୀ ନାଗରିକ ଭାରତରୁ ପାକିସ୍ତାନ ଫେରିଛନ୍ତି । ଏହିପରି ଗତ ସାତ ଦିନ ମଧ୍ୟରେ ଦେଶ ଛାଡିଥିବା ପାକିସ୍ତାନୀଙ୍କ ସଂଖ୍ୟା ୯୧୧ ରେ ପହଞ୍ଚିଛି ।

## ଭୂକମ୍ପ ଝଟକାରେ ଥରିଲା ଜମ୍ମୁ କଶ୍ମୀର

ନୂଆଦିଲ୍ଲୀ: ଜମ୍ମୁ କଶ୍ମୀର ଏବଂ ଗୁଜରାଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ୩.୪ ରହିଥିବା ଜଣାପଡିଛି । ସେହିପରି ଜମ୍ମୁରେ ଭୂକମ୍ପର ତୀବ୍ରତା ୨.୭ ରହିଛି । ସେହିପରି ଲେହ-ଲଦାଖରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଛି।



ଯେଉଁଥିରେ ଭୂକମ୍ପର ତୀବ୍ରତା ୩.୯ ରହିଛି । ତେବେ ଭୂକମ୍ପରେ କ୍ଷୟକ୍ଷତିଜନିତ କିଛି ଆକଳନ କରାଯାଇନାହିଁ । ଭୂକମ୍ପ ଝଟକା ପାଇବା ପରେ ଲୋକେ ଘରୁ ବାହାରକୁ ଚାଲିଆସିଥିଲେ । ସୂଚନାଯୋଗ୍ୟ, ଜିଏସଡିଏମଏ ମୁତାବକ, ଗୁଜରାଟ ଭୂକମ୍ପପ୍ରବଣ ଅଞ୍ଚଳ । ଗତ ୨୦୦ ବର୍ଷ ମଧ୍ୟରେ ୯ଟି ବଡ ଭୂମିକମ୍ପ ଗୁଜରାଟରେ ହୋଇଛି । ୨୦୦୧ରେ କଚ୍ଛରେ ଆସିଥିବା ବଡ଼ ଭୂକମ୍ପ । ଏଥିରେ ପ୍ରାୟ ୧୪ ହଜାର ଲୋକଙ୍କ ପ୍ରାଣ ଚାଲିଯାଇଥିଲା । ୧.୬୭ ଲକ୍ଷ ଲୋକ ବାସହୀନ ହୋଇଥିଲେ ।

# ପାକିସ୍ତାନୀ ସ୍ତ୍ରୀ ପାଇଁ ସେନାରୁ ବିଦାହେଲେ ସିପାହୀ

ନୂଆଦିଲ୍ଲୀ: ସିଆରପିଏଫର ୪୧ ତମ ବାଟାଲିୟନରେ ନିଯୁକ୍ତ ସିପାହୀ ହେଉଛନ୍ତି ମୁନିର ଅହମ୍ମଦ । ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଅଭିଯୋଗ ହୋଇଛି କି ସେ ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିଲେ ଏବଂ ତାଙ୍କ ଭିସାର ମିଆଦ ଶେଷ ହେବା ପରେ ମଧ୍ୟ ତାଙ୍କୁ ଲୁଚାଇ ରଖିଥିଲେ । ଏହି ସୂଚନା ଉଜଟରକୁ ଦିଆଯାଇ ନଥିଲା । ଏହି ମାମଲା ଜାତୀୟ ସୁରକ୍ଷା ପାଇଁ ବିପଦ ଥିଲା, ତେଣୁ ତାଙ୍କୁ ତୁରନ୍ତ ବହିଷ୍କାର କରାଯାଇଥିଲ । ସୈନିକଙ୍କ ପତ୍ନୀ ହେଉଛନ୍ତି ମୀନାଲ୍ ଖାନ । ତାଙ୍କ ଭିସା ୨୨ ମାର୍ଚ୍ଚ, ୨୦୨୫ ରେ ଶେଷ ହୋଇଯାଇଥିଲା । ସୈନିକ ମଧ୍ୟ ଏହି ତଥ୍ୟକୁ ବିଭାଗଠାରୁ ଲୁଚାଇ ରଖିଥିଲେ । ଯେ ତାଙ୍କ ପତ୍ନୀ ଦୀର୍ଘକାଳୀନ ଭିସା ପାଇଁ ଆବେଦନ କରିଥିଲେ । ଏ ସମ୍ପର୍କରେ ଉଜଟର ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି କନଷ୍ଟେବଳ ମୁନୀର କୋର୍ଟକୁ ସତ୍ୟ ଲୁଚାଇଛନ୍ତି । ଏହି ମାମଲା ଜମ୍ମୁ ଏବଂ କାଶ୍ମୀର ହାଇକୋର୍ଟରେ ବିଚାରାଧୀନ ରଅଛି । ଏପ୍ରିଲରେ ୨୯ ରେ ହାଇକୋର୍ଟ ମୀନଲଙ୍କ ପାକିସ୍ତାନ ଗସ୍ତର ପରବର୍ତ୍ତୀ ଶୁଣାଣିକୁ ୧୪ ମଇ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ସିଆରପିଏଫ ଅଧିକାରୀମାନେ କହିଛନ୍ତି ଯେ ଏହି ମାମଲାରେ ପ୍ରଥମ ଦୃଷ୍ଟିରୁ, ସେମାନଙ୍କ ଜବାନ ମୁନିର ଅହମଦଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ




କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ । ସିପାହୀ ମୁନିର ପ୍ରଥମେ ୧୮ ଅକ୍ଟୋବର ୨୦୨୩ରେ ତାଙ୍କ ସିଆରପିଏଫ କମାଣ୍ଡାଣ୍ଟଙ୍କୁ ଏକ ଚିଠି ଲେଖି ଜଣେ ପାକିସ୍ତାନୀ ନାଗରିକ ଝିଅକୁ ବିବାହ କରିବା ପାଇଁ ଅନୁମତି ମାଗିଥିଲେ । ମାମଲାଟି ବିଭାଗରେ ବିଚାରାଧୀନ ଥିଲା । ପରେ ଜଣାପଡିଲା ଯେ କନଷ୍ଟେବଳ ମୁନିର ତାଙ୍କ ବିବାହ ପାଇଁ ବିଭାଗର ଅନୁମତି ବିନା ବିବାହ କରିଥିଲେ । ୨୮ ଫେବୃଆରୀ, ୨୦୨୪ରେ, ମୀନାଲ ପାକିସ୍ତାନରୁ ପର୍ଯ୍ୟଟନ ଭିସାରେ ଭାରତ ଆସିଥିଲେ । ବିବାହ ପରେ ସେ ଜମ୍ମୁର ସୈନିକ ମୁନିରଙ୍କ ଘରେ ରହୁଛନ୍ତି । ତାଙ୍କର ଭିସା କେବଳ ୨୨ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ ବୈଧ ଥିଲା । ଅଭିଯୋଗ ହୋଇଛି ଯେ କନଷ୍ଟେବଳ ମୁନୀର ଏନଓସି ନ ପାଇ ଜଣେ ପାକିସ୍ତାନୀ ଯୁବତୀଙ୍କୁ ବିବାହ କରିଥିଲେ ଏବଂ ତା'ପରେ ତାଙ୍କ ଭିସାର ମିଆଦ ଶେଷ ହେବା ପରେ ମଧ୍ୟ ସେ ତାଙ୍କୁ ଭାରତରେ ଅବୈଧ ଭାବରେ ରଖିଥିଲେ ।

# ପାକିସ୍ତାନୀ କ୍ରିକେଟରଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ନିଷିଦ୍ଧ

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** ଭାରତ ସରକାର ପହଲଗାମ ଆକ୍ରମଣ ପରଠାରୁ ପାକିସ୍ତାନ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲିଛି।

ଭାରତରେ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ସରକାର ନିଷିଦ୍ଧ କରିଛନ୍ତି। ଏହି କ୍ରମରେ ଭାରତରେ ପାକିସ୍ତାନ କ୍ରିକେଟ ଦଳର ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ୍ୟ ବ୍ୟାନ୍ କରାଯାଇଛି। ଏହି ଖେଳାଳିଙ୍କ ତାଲିକାରେ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କ ନାମ ମଧ୍ୟ ସାମିଲ ଅଛି।

ଭାରତ ସରକାରଙ୍କ ଅନୁରୋଧ କ୍ରମେ, ଇନଷ୍ଟାଗ୍ରାମର ମୂଳ କମ୍ପାନି ମେଟା ଭାରତରେ ପାକିସ୍ତାନୀ ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ନିଷିଦ୍ଧ କରିଛି। ଆକାଉଣ୍ଟନିଷିଦ୍ଧ ହୋଇଥିବା ପାକିସ୍ତାନୀ



ଖେଳାଳିଙ୍କ ଏହି ତାଲିକାରେ ବାବର ଆଜମ, ମହମ୍ମଦ ରିଜୱାନ, ଶାହିନ ଆଫ୍ରିଦି, ମହମ୍ମଦ ଆମିର, ନସିମ ଶାହ, ହାରିସ ରୌଫ ଏବଂ ଇମାମ ଉଲ ହକଙ୍କ ନାମ ରହିଛି। ଏହି ନିଷିଦ୍ଧ ପରେ ଭାରତର ଲୋକମାନେ ଇନଷ୍ଟାଗ୍ରାମରେ ଏହି ପାକିସ୍ତାନୀ ଖେଳାଳିଙ୍କ ପୋଷ୍ଟକୁ ଆଉ ଦେଖିପାରିବେ ନାହିଁ।

କେବଳ ଏତିକି ନୁହେଁ ଭାରତରେ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟମଧ୍ୟ ନିଷିଦ୍ଧ ହୋଇଛି । ପାକିସ୍ତାନ ସୁପରଷ୍ଟାର ଅଭିନେତ୍ରୀ ହାନିଆ ଅମିର, ମାହିରା ଖାନ, ସଜଲ ଅଲ୍ଲୀ, ସିଙ୍ଗର ଓ ଅଭିନେତା ଅଲ୍ଲୀ ଜାଫର, ସନମ ସଇଦ, ବିଲାଲ ଆବାସ, ଇକରା ଅଜିଜ, ଆଏଜା ଖାନ, ଇମରାନ ଖାନ, ଇମରାନ ଆବାସ ଆଦିଙ୍କ ଆକାଉଣ୍ଟକୁ ଭାରତରେ ବନ୍ଦ କରି ଦିଆଯାଇଛି।

# ଡୋପ୍ ଟେଷ୍ଟର ବିଫଳ ହେଲେ ରାବାଡା

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରାବାଡା ହଠାତ ଆଇପିଏଲ୍ ଛାଡିବା ନେଇ ନିଜର ନୀରବତା ଭାଙ୍ଗିଛନ୍ତି। ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳୁଥିବା ରାବାଡାଙ୍କୁ ଡ୍ରଗ୍ସ ପରୀକ୍ଷାରେ ବିଫଳ ହେବା ପରେ ହଠାତ ଆଇପିଏଲ ଛାଡି ନିଜ ଦେଶ ଦକ୍ଷିଣ ଆଫ୍ରିକା ଫେରିବାକୁ ପଡିଲା ବୋଲି ସେ ସ୍ୱୀକାର କରିଛନ୍ତି। ସେ ନିଜର ଭୁଲ ସ୍ୱୀକାର କରି ଏକ ବିବୃତ୍ତି ଜାରି କରିଛନ୍ତି।

ଗୁଜୁରାଟ ଟାଇଟାନ୍ସ ରାବାଡାଙ୍କୁ ୧୦.୭୫ କୋଟି ଟଙ୍କାରେ କିଣିଥିଲା ଏବଂ ସେ ଏହି ସିଜନରେ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଏହା ପରେ, ହଠାତ ଏପ୍ରିଲ ୨ ତାରିଖରେ, ରାବାଡା ଆଇପିଏଲ ମଝିରେ ଛାଡି ଦେଶକୁ ଫେରି ଆସିଲେ। ସେତେବେଳେ କୁହାଗଲା ଯେ ସେ ବ୍ୟକ୍ତିଗତ କାରଣରୁ ଫେରି ଯାଇଥିଲେ।

ମେ ୨ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଗୁଜରାଟ ଟାଇଟାନ୍ସର ବିଜୟର ଗୋଟିଏ ଦିନ ପରେ, ମେ ୩ ଶନିବାର ଦିନ, ରାବାଡା ଦକ୍ଷିଣ ଆଫ୍ରିକା କ୍ରିକେଟର୍ସ ଆସୋସିଏସନ



(ଏସଏସିଏ)କୁ ଉଦ୍ଧୃତ କରି ଏକ ବିବୃତ୍ତି ଜାରି କରିଥିଲେ ଏବଂ କହିଥିଲେ ଯେ ତାଙ୍କର ଡ୍ରଗ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ହଠାତ ଆଇପିଏଲରୁ ଫେରିବାକୁ ପଡିଲା। ରାବାଡା ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ତାଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି। ରିପୋର୍ଟ ଅନୁଯାୟୀ, ରାବାଡା ଜାନୁଆରୀ-ଫେବୃଆରୀରେ ଖେଳାଯାଇଥିବା ଏସଏ୨୦ ଲିଗ୍ ସମୟରେ ଏହି ଔଷଧ ବ୍ୟବହାର କରିଥିଲେ, ଯେତେବେଳେ ସେ ଏମଆଇ କେପ୍ ଟାଉନ୍ ପାଇଁ ଖେଳୁଥିଲେ।

# ହାଇଦ୍ରାବାଦକୁ ୩୮ ରନରେ ହରାଇଲା ଗୁଜରାଟ



**ଅହମ୍ମଦାବାଦ,୩।୫(ଏଜେନ୍ସି):** ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିଆମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୧ତମ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୩୮ ରନରେ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ। ୨୨୫ ରନର ପିଛା କରିଥିବା ହାଇଦ୍ରାବାଦ ୨୦ ଓଭରରେ ୬ ୱିକେଟ ହରାଇ ୧୮୬ ରନ କରିପାରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୭୪ରନ କରିଥିବାବେଳେ ଟ୍ରାଭିସ ହେଡ୍ ୨୦ ରନ ଓ ହେନେରିକ କ୍ଲାସେନ ୨୩ ରନ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ସିରାଜ ଓ ପ୍ରସିଦ୍ଧକ୍ରିଷ୍ଣା ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହି ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଗୁଜରାଟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୨୪ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ସାଇ ସୁଦର୍ଶନ ଓ ଶୁଭମନ ଗିଲ୍ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ସୁଦର୍ଶନ ୪୮ ରନ କରିଥିବାବେଳେ ଗିଲ୍ ୭୬ ରନ କରିଥିଲେ। ସେହିପରି ଜସ୍ ବଟଲର ୬୪ ରନ କରିଥିଲେ। ୱାସିଂଟନ ସୁନ୍ଦର ୨୧ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଡକଟ୍ ୩ଟି ୱିକେଟ୍ ନେଇଥିବାବେଳେ ଜିସାନ ଅନସାରି ଓ ପାଟ୍ କମିନ୍ସ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ପାଣିରେ ପଡ଼ିଲା ପଞ୍ଜାବର ୪ କୋଟି : ମ୍ୟାକ୍ସୱେଲଙ୍କ ଫ୍ଲପ୍ ସୋ'

**ମୁମ୍ବାଇ,୩।୫(ଏଜେନ୍ସି):** ଅଧା ଆଇପିଏଲ ଶେଷ ହେଲାଣି । ହେଲେ ପଞ୍ଜାବ ପାଇଁ ଏଯାଏଁ ଆଖିଦୃଶିଆ। ପ୍ରଦର୍ଶନ କରି ପାରିନାହାନ୍ତି ଷ୍ଟାର୍ ବ୍ୟାଟର୍ ଗ୍ଲେନ୍ ମାକ୍ସୱେଲ୍ । ପଏଣ୍ଟ ଟେବୁଲରେ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ରହି ପ୍ଲେ-ଅଫ୍ ରେସରେ ରହିଛି ପଞ୍ଜାବ୍ କିଙ୍ଗ୍ସ । ହେଲେ ପଞ୍ଜାବ ପାଇଁ ମୁଣ୍ଡ ବ୍ୟଥା ପାଲଟିଛନ୍ତି ଗ୍ଲେନ୍ ମାକ୍ସୱେଲ୍ । କାରଣ ଏଯାଏଁ ଦଳ ଖେଳିଥିବା ୭ଟି ମ୍ୟାଚ୍ର ୭ ଇନିଂସରେ ମାତ୍ର ୪୮ ରନ୍ କରିଛନ୍ତି ଅଷ୍ଟ୍ରେଲିୟ ଖେଳାଳି ଗ୍ଲେନ୍ ମାକ୍ସୱେଲ୍ । ସବୁଠାରୁ ବଡ଼ କଥା ହେଉଛି ମାକ୍ସୱେଲ୍ଙ୍କୁ ୪ କୋଟି ୨୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଥିଲା ପଞ୍ଜାବ।

ଗତ ଶନିବାର କୋଲକାତା ନାଇଟ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଆଇପିଏଲର ୪୪ତମ ମ୍ୟାଚ୍ ଆରମ୍ଭ ହୋଇଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ପଞ୍ଜାବ କିଙ୍ଗ୍ସ । ନିର୍ଦ୍ଧାରିତ ଓଭରରେ ୨୦୧ ରନ୍ କରିଥିଲା ଦଳ । ଏଥିରେ ମାକ୍ସୱେଲ୍ ମାତ୍ର ୭ ରନର



ଯୋଗଦାନ କରିଥିଲେ । ବର୍ଷା ଯୋଗୁଁ ଏହି ମ୍ୟାଚ୍ ବାତିଲ ହୋଇଥିଲା । ପ୍ରତ୍ୟେକ ଦଳକୁ ମିଳିଥିଲା ଗୋଟିଏ ଲେଖାଏଁ ପଏଣ୍ଟ। ଏହି ଗୋଟିଏ ମ୍ୟାଚ୍ ନୁହେଁ, ପ୍ରତିଟି ମ୍ୟାଚରେ ମାକ୍ସୱେଲ୍ ଉଭୟ ବ୍ୟାଟିଂ ଓ ବୋଲିଂରେ ଫ୍ଲପ୍ ସୋ' ପ୍ରଦର୍ଶନ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ତାଙ୍କ ସର୍ବାଧିକ ସ୍କୋର୍ ୩୦ ରନ୍ ରହିଛି ।

ଚଳିତ ଆଇପିଏଲ୍ ସିଜିନରେ ମାକ୍ସୱେଲଙ୍କ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି ସ୍ପିନର। ଖାସ୍ କରି ବରୁଣ ଚକ୍ରବର୍ତ୍ତୀଙ୍କ ସ୍ପିନ୍ ଯାଦୁରେ ବାରମ୍ବାର ଫସୁଛନ୍ତି ମାକ୍ସୱେଲ। ନିଜ ଆଇପିଏଲ୍ କ୍ୟାରିଅରରେ ବରୁଣ ଚକ୍ରବର୍ତ୍ତୀଙ୍କୁ ପିଚରେ ୮ ଥର ଭେଟିଛନ୍ତି ମାକ୍ସୱେଲ୍। ୩୩ଟି ବଲ୍ର ସାମ୍ନା କରି ୫୦ ରନ୍ କରିଥିବା ବେଳେ ବରୁଣଙ୍କ ବୋଲିଂରେ ୫ ଥର ଆଉଟ୍ ହୋଇଛନ୍ତି ମାକ୍ସୱେଲ। ଏହାର ଅର୍ଥ ମାକ୍ସୱେଲ୍ଙ୍କ ପାଖରେ ବରୁଣଙ୍କ ବୋଲିଂର କୌଣସି ପ୍ରଶ୍ନର ଉତ୍ତର ନାହିଁ ।

ସେପଟେ ପଞ୍ଜାବ କଥା କହିଲେ, ଦଳ ବର୍ତ୍ତମାନ ସୁଦ୍ଧା ୯ଟି ମ୍ୟାଚ୍ ଖେଳି ୧୧ ପଏଣ୍ଟ ହାସଲ କରିଛି । କୋଲକାତା ବିପକ୍ଷରେ ମ୍ୟାଚ୍ ବାତିଲ ହେବାପରେ ଦଳ ଗୋଟିଏ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଆଗାମୀ ମ୍ୟାଚଗୁଡ଼ିକରେ କ୍ୟାପ୍ଟେନ୍ ଶ୍ରେୟସ ଆୟର ମାକ୍ସୱେଲ୍ଙ୍କ ସୁଯୋଗ ଦେଉଛନ୍ତି କି ନାହିଁ ତାହାରି ଉପରେ ନଜର ରହିବ। ଏଥର ଦଳୀୟ ପ୍ରଦର୍ଶନ ଭଲ ରହିଛି। ଟିମ୍ ଟ୍ରଫି ଆଶା କରୁଛି, ଏଭଳି ସ୍ଥିତିରେ ପଞ୍ଜାବ ଟିମ୍ କୌଣସି ରିସ୍କ ନେବାକୁ ଚାହିବ ନାହିଁ । ସେପଟେ ଦଳର ଟ୍ରଫି ଆଶା ପୂରଣ କରିବାକୁ ହେଲେ ମାକ୍ସୱେଲଙ୍କୁ ଉଭୟ ବ୍ୟାଟିଂ ଓ ବୋଲିଂ ଭଲ ପ୍ରଦର୍ଶନ କରିବାକୁ ହେବ ବୋଲି କ୍ରିକେଟ ସମୀକ୍ଷକ ମତ ଦେଉଛନ୍ତି।

# ଜାତୀୟ ତୀରନ୍ଦାଜୀରେ ବ୍ରୋଞ୍ଜ ଜିତିଲେ ଝୁଲି ମୁଣ୍ଡା

**ଭୁବନେଶ୍ୱର,୩।୫(ଏଜେନ୍ସି):** ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ ତୀରନ୍ଦାଜ ଝୁଲି ମୁଣ୍ଡା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡିଶା



ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ନିକଟରେ ବିଶାଖାପାଟଣାରେ ଆୟୋଜିତ ଜନଜାତୀୟ କ୍ରୀଡା ମହୋତ୍ସବ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତାରେ ୨୦୨୫ ରେ ଓଡ଼ିଶା ପାଇଁ ୧୭ ବର୍ଷରୁ କମ୍ ବର୍ଗରେ ସେ ଏହି ଗୌରବ ଆଣି ଦେଇଛନ୍ତି। ଭାରତୀୟ ତୀରନ୍ଦାଜୀ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଦେଶର ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, ଯାହା ଝୁଲିଙ୍କ ସଫଳତାକୁ ଏହି ଅଞ୍ଚଳ ପାଇଁ ଏକ ଗୌରବରେ ପରିଣତ କରିଥିଲା। ଗତ ତିନି ବର୍ଷ ଧରି ଝୁଲି ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକ୍ରମ ଅଧୀନରେ ବୃତ୍ତିଗତ ତାଲିମ ନେଉଛନ୍ତି। ତାଙ୍କ ରେକର୍ଡରେ ଗୋଟିଏ ଜାତୀ। ପ୍ରତିନିଧିତ୍ୱ, ଚାରୋଟି ରାଜ୍ୟ ସ୍ତରୀୟ ପ୍ରତିନିଧିତ୍ୱ ଏବଂ ଚାରୋଟି ରାଜ୍ୟ ପଦକ ଅନ୍ତର୍ଭୁକ୍ତ।

# ଜାତୀୟ ଖୋଖୋରେ ସଫଳ ପ୍ରିୟବ୍ରତ ନାଗଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୩।୫(ଏଜେନ୍ସି):** ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ବଲାଙ୍ଗିର ସାମ୍ବାଦିକ ଭବନଠାରେ ଜାତୀୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରିୟବ୍ରତ ନାଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଶିଷ୍ଟ ଶିକ୍ଷାବିତ ଗଜମଣି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ବଲାଙ୍ଗିର ମାଟିର ପୁଅ ପ୍ରିୟବ୍ରତ ନାଗ ଓଡ଼ିଶା ଦଳ ପକ୍ଷରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜୁନିଅର ବର୍ଗରେ ଓଡ଼ିଶା ଦଳ ବିଜୟୀ ହୋଇଥିବାରୁ ପ୍ରିୟବ୍ରତ ନାଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନବିନ କୁଅଁର, ସାମ୍ବାଦିକ ଗୋପାଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିସହ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ପ୍ରିୟବ୍ରତ ନାଗଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରାଯାଇ ତାଙ୍କୁ ସମସ୍ତେ ଶୁଭେଚ୍ଛା ମଧ୍ୟ ଜଣାଇଥିଲେ।

# ପୁରୀରେ ଖେଲୋ ଇଣ୍ଡିଆ ବିଚ୍ ଗେମର ଚୟନ

**ପୁରୀ,୩।୫(ଏଜେନ୍ସି):** ଗୁରୁବାର ପୁରୀର ନୀଳାଦ୍ରି ବିଚ୍ ପାଖରେ ରାଜ୍ୟ ସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ ର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି କ୍ଷ ଆସନ୍ତା ମଇ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ଡି ଓ ଠାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ ୨୦୨୫ ନିମନ୍ତେ ଚୟନ ପ୍ରତିଯୋଗିତା ହୋଇଯାଇଛି କ୍ଷ ଏଥିରେ ସମଗ୍ର ରାଜ୍ୟରୁ ୬୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ଦକ୍ଷତା ଦେଖାଇ ଥିଲେ କ୍ଷ ଏଠାରୁ ୬ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳୀଙ୍କୁ ଚୟନ କରଯାଇଛି । ଚୟନ କର୍ତା ଭାବେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ କ୍ଷ ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଆୟୋଜନ କରିଥିବା ବେଳେ ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସହଯୋଗ କରିଥିଲେ କ୍ଷ ରେଫରୀ ରାଜ ଶେଖର ଓ ମହମ୍ମଦ ଗୁଲ୍ଲମ୍ ଖେଳ ପରିଚାଳନା କରିଥିବା ବେଳେ ଆନ୍ତର୍ଜାତୀୟ ଖେଳାଳି ଲକ୍ଷ୍ମୀ ପ୍ରିୟା ନାଏକ ଉପସ୍ଥିତ ଥିଲେ। ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ରାମ ଚନ୍ଦ୍ର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଖେଳ ଚାଲି ଥିବା ବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବାରିକ, ବିରଂଚି ନାରାୟଣ ବିଶ୍ୱାଳ, ବିଶ୍ୱନାଥ ମିଶ୍ର, ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ଡିଏସପି ସିଲ୍ଭର ଇଟିଏଫ ଫଣ୍ଡ୍ ଅଫ ଫଣ୍ଡ୍ ପ୍ରଚଳନ

**ମୁମ୍ବାଇ,୩।୫(ଏଜେନ୍ସି):** ଡିଏସପି ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ତାହାର ନୂତନ ଓପନ-ଏଣ୍ଡେଡ ସ୍କିମ 'ଡିଏସପି ସିଲ୍ଭର ଇଟିଏଫ ଫଣ୍ଡ୍ ଅଫ ଫଣ୍ଡ୍' ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି, ଯାହା ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ୍ ମାଧ୍ୟମ ଜରିଆରେ ରୂପାରେ ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁସଂଗଠିତ ପନ୍ଥା ଯୋଗାଇ ଦେଉଛି। ଏହି ଫଣ୍ଡ୍ ଅଫ ଫଣ୍ଡ ମୁଖ୍ୟତଃ ଡିଏସପି ସିଲ୍ଭର ଇଟିଏଫରେ ପୁଞ୍ଜିନିବେଶ କରିବ, ଯାହା ଘରୋଇ ବଜାରରେ ଭୌତିକ ରୂପାର ପ୍ରଦର୍ଶନ ସହିତ ଅତି ନିକଟତର ରିଟର୍ଣ୍ଣ ପ୍ରଦାନ କରିବ। ରୂପା ଏକ ସାମଗ୍ରୀ ଭାବରେ ଇଲେକଟ୍ରୋନିକ୍ସ, ଯାନବାହନ, ଶକ୍ତି ଏବଂ ଅଳଙ୍କାର ଆଦି ବିବିଧ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ଯାହାର ଚାହିଦା ଅକ୍ଷୟ ଏବଂ ସ୍ୱଚ୍ଛ ଶକ୍ତି ଉତ୍ସ ଆଡକୁ ବିଶ୍ୱର ସ୍ଥାନାନ୍ତରଣ କାରଣରୁ ବୃଦ୍ଧିପାଇବା ଆଶା କରାଯାଉଛି। ରୂପାର ଯୋଗାଣ ଅଭିବୃଦ୍ଧି ସୀମିତ ରହିଛି ଏବଂ ଚଳିତ ବର୍ଷଗୁଡିକରେ ନିରନ୍ତର ଏହାର ଯୋଗାଣରେ ଅଭାବ ପରିଲକ୍ଷିତ ହୋଇଛି। ୨୦୨୫ ବର୍ଷଟି କ୍ରମାଗତ ପଞ୍ଚମ ବର୍ଷ ହୋଇପାରେ, ଯେତେବେଳେ ରୂପାର ଚାହିଦା ଯୋଗାଣ ଠାରୁ ଅଧିକ ରହିପାରେ। ଯୋଗାଣ କ୍ଷେତ୍ରରେ ଏହି ନିଅଣ୍ଟିଆ ସ୍ଥିତି ବାର୍ଷିକ ଚାହିଦାର ୨୦ ପ୍ରତିଶତରୁ ଅଧିକ ହୋଇପାରେ। ଅତୀତରେ ଏହିଭଳି ନିଅଣ୍ଟ ସ୍ଥିତି ଯେତେବେଳେ ଘଟିଥିଲା, ସେତେବେଳେ ରୂପା ନିମନ୍ତେ ପୁଞ୍ଜିନିବେଶ ଚାହିଦାରେ ସ୍ୱଳ୍ପ ଅଭିବୃଦ୍ଧି ମଧ୍ୟ ମୂଲ୍ୟ ବୃଦ୍ଧି ଘଟାଇପାରିବ। ଭାରତୀୟ ପୁଞ୍ଜିନିବେଶକମାନେ ମୁଦ୍ରାର ଅବମୂଲ୍ୟାୟନରୁ ମଧ୍ୟ ଫାଇଦା ପାଇପାରିବେ, କାରଣ ରୂପାର ମୂଲ୍ୟ ଆମେରିକୀୟ ଡଲାରରେ ସ୍ଥିରୀକୃତ ହୋଇଥାଏ।

# କୋକା-କୋଲା ଫୁଡ଼ମାର୍କସ ୨.୦ ସଂସ୍କରଣ

**ନୂଆଦିଲ୍ଲୀ,୩।୫ :** କୋକା-କୋଲା ଇଣ୍ଡିଆ ଜାତୀୟ ରେଷ୍ଟୁରାଂଟ ଆସୋସିଏସନ ଅଫ ଇଣ୍ଡିଆ(ଏନଆରଏଆଇ) ଏହାର ଖାଦ୍ୟ ବିତରଣ ବୈଠକ ୨୦୨୫ର ଚ଼ତୁର୍ଥ ସଂସ୍କରଣ ଯାହା ଲା ମାରିଡ଼ିନା ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଛି ଏହା ସହିତ ସହଭାଗୀତାର ଘୋଷଣା କରିଛି। ଏହି ସହଭାଗୀତା ଔପଚାରିକ ଭାବରେ କୋକା-କୋଲାର ୨.୦ ସଂସ୍କରଣ ଶୁଭାରମ୍ଭକୁ ସୂଚିତ କରିଛି ଯାହାକି ଏକ ପଦକ୍ଷେପ ଅଟେ ଭାରତର ଆଇକନିକ୍ ରନ୍ଧନ ସମ୍ବନ୍ଧୀୟ ଗନ୍ତବ୍ୟସ୍ଥଳକୁ ପାଳନ କରୁଅଛି। ପ୍ରତ୍ୟେକ ଫୁଡ଼ମାର୍କସ ଗୁଡ଼ିକ ଯେଉଁଠାରେ ପ୍ରକୃତ ଖାଦ୍ୟ ରହିଛି ତା' ଉପରେ ଦୃଷ୍ଟି ନିବଦ୍ଧ କରିବା ସହିତ, ସଠିକ୍ ମୁହୂର୍ତ ଏବଂ ବରଫଯୁକ୍ତ ଥଣ୍ଡା କୋକା-କୋଲା ସହିତ ଏକାଠି ଆସିଥାଏ ଏକ ଅବିସ୍ମରଣୀୟ ଖାଦ୍ୟର କୀର୍ତିସ୍ତମ୍ଭ ସୃଷ୍ଟି କରିବା ପାଇଁ। ସଂସ୍କୃତି ଦ୍ୱାରା ଅନୁପ୍ରାଣିତ ଏବଂ କୋକା-କୋଲାର ପ୍ରକୃତ ଯାଦୁକରୀ ଦ୍ୱାରା ଶକ୍ତି ପାଇ, ଫୁଡ଼ମାର୍କସ ୨.୦ ସଂସ୍କରଣ ସଫଳତାର ସହିତ ଯେଉଁମାନଙ୍କର ସହଭାଗୀତାରେ ପ୍ରତିଷ୍ଠା ହୋଇଛି ତା' ମଧ୍ୟରେ ରହିଛି ହାଇଦ୍ରାବାଦ ସ୍ଥିତ ପାରାଡ଼ାଇଜ, ଦିଲ୍ଲୀ କର୍ଣ୍ଣଟ ପ୍ଲେସ ସ୍ଥିତ ଏମ୍ବାସି। ସଂଯୋଗୀକରଣ, ସଂସ୍କୃତି ଏବଂ ସତେଜତା ମୁହୂର୍ତର ସୃଜନଶୀଳତାକୁ ନେଇ, କୋକା-କୋଲା ଏବଂ ଏନଆରଏଆଇ କାର୍ଯ୍ୟକ୍ରମର ମାପଦଣ୍ଡକୁ ବହୁ ଉର୍ଦ୍ଧ୍ୱକୁ ଉଠାଇ ଭାରତର ସବୁଠାରୁ ଅଧିକ ପ୍ରିୟ ରେଷ୍ଟୁରାଂଟ ମାନଙ୍କରେ ରନ୍ଧନ ସମ୍ପର୍କିତ ବିଭିନ୍ନ ଉଦ୍ଭାବନ ଗୁଡ଼ିକୁ ଭାରତର ଖାଦ୍ୟ ସଂସ୍କୃତିରେ ଭରପୂର କରିପାରିଛି। ଏଭଳି ଏକ ପଦକ୍ଷେପ ଶିଳ୍ପ ଜଗତରେ ରହିଥିବା ଭାଗୀଦାରୀତାକୁ କେବଳ ସୁଦୃଢ଼ କରୁଛି ତାହା ନୁହେଁ ଏହା ମଧ୍ୟ ରେଷ୍ଟୁରାଂଟ ମାନଙ୍କ ପାଇଁ ନୂଆ ନୂଆ ପ୍ରୟୋଗ ଖୋଲୁଛି ଯାହାକି ଏଗୁଡ଼ିକ ଭାରତର ବିକାଶକାରୀ ସାଂସ୍କୃତିକ କାହାଣୀର ଅଂଶବିଶେଷ ହୋଇପାରିଛି।

# କାମଧେନୁ ପେଣ୍ଟସ୍ର ଚାନେଲ ସହଭାଗୀଙ୍କ ସମ୍ମିଳନୀ

**ପୁରୀ,୩।୫ :** କାମଧେନୁ ଗ୍ରୁପ୍ର ଏକ ବ୍ରାଣ୍ଡ୍ ତଥା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପେଣ୍ଟସ୍ ଏବଂ ଏମଲସନ୍ସର ଅଗ୍ରଣୀ ନିର୍ମାତା କାମଧେନୁ ପେଣ୍ଟସ୍ ପକ୍ଷରୁ ଓଡ଼ିଶାର ପୁରୀରେ ଆୟୋଜିତ ଦୁଇଦିନିଆ 'ଚାନେଲ ପାର୍ଟନର୍ସ ମିଟ୍' ସଫଳତାର ସହିତ ଉଦ୍ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ସହରର ଏକ ସମ୍ମାନଜନକ ରିସର୍ଟରେ ଅନୁଷ୍ଠିତ ହୋଇଥିଲା ଏବଂ ସେଥିରେ ବ୍ରାଣ୍ଡ୍ ଡିଲର ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରକାଶ କରି ଶ୍ରୀ ରାଜକୁମାର ଶ୍ରୀବାସ୍ତବ, ସିଓ, କାମଧେନୁ ପେଣ୍ଟସ୍, କମ୍ପାନୀର ଆକାଂକ୍ଷିତ ଅଭିବୃଦ୍ଧି ଯୋଜନା ଏବଂ ଆଗାମୀ ବିକ୍ରୟ ରଣକୌଶଳ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନିକଟ ଭବିଷ୍ୟତରେ ହେବାକୁ ଥିବା ନୂତନ ଉତ୍ପାଦର ବଜାର ପ୍ରବେଶ ଉପରେ ସେ ଡିଲରମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀବାସ୍ତବ ମଧ୍ୟ ବିଗତ ବର୍ଷଗୁଡିକରେ କାମଧେନୁ ଚାନେଲ ପାର୍ଟନରମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସେମାନଙ୍କୁ ବଧେଇ ଜଣାଇଥିଲେ। ଦୀର୍ଘ ୧୫ ବର୍ଷରୁ ଅଧିକ କାଳ ଧରି ରାଜ୍ୟରେ ନିଜର ମଜଭୁତ ଉପସ୍ଥିତି ସହିତ ଏହି ବ୍ରାଣ୍ଡ୍ ନିଜକୁ ରାଜ୍ୟର ଶ୍ରେଷ୍ଠ ୫ଟି ବ୍ରାଣ୍ଡ୍ ମଧ୍ୟରେ ସ୍ଥାନିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଆର୍ଥିକ ବର୍ଷରେ କମ୍ପାନୀ ପାଇଁ ଓଡ଼ିଶା ଦ୍ୱିତୀୟ ସର୍ବୋଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। "କାମଧେନୁ ପେଣ୍ଟସ୍ ଏକ ମଜଭୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି ।

# ସାମସଙ୍ଗ ଇଣ୍ଡିଆ "ସଲ୍ଭ ଫର ଟୁମରୋ ୨୦୨୫" ପ୍ରତିଯୋଗୀତା

**ଭୁବନେଶ୍ୱର,୩।୫ :** ସାମସଙ୍ଗ, ଭାରତର ଏକ ବୃହତର ଇଲେକ୍ଟ୍ରୋନିକ୍ସ ଗ୍ରାହକ ବ୍ରାଣ୍ଡ, ଏହାର ସାମସଙ୍ଗ "ସଲ୍ଭ ଫର ଟୁମରୋ" ପ୍ରୟାସର ଚ଼ତୁର୍ଥ ସଂସ୍କରଣ ଉନ୍ମୋଚ଼ନ କରିଛି – ଏକ ସର୍ବଭାରତୀୟ ସ୍ତରର ପ୍ରତିଯୋଗୀତା ଯାହାକି ସମାଜରେ ରହିଥିବା ନିଷ୍ପେଶିତ ଆହ୍ୱାନ ଗୁଡ଼ିକୁ ଜ୍ଞାନକୌଶଳର ପ୍ରୟୋଗରେ ସୃଷ୍ଟ ଏହାର ନବୀକରଣୀୟ ସମାଧାନ ଗୁଡ଼ିକୁ ବାହାର କରିବାର ଏକ ବିରାଟ ପ୍ରୟାସ। ସାମସଙ୍ଗ "ସଲ୍ଭ ଫର ଟୁମରୋ" ଏଥିରେ ବିଜେତା ଦଳକୁ ୧ କୋଟି ଟଙ୍କା ପ୍ରଦାନ କରିବାସହିତସେମାନଙ୍କରଇନକ୍ୟୁବେସନ ହୋଇଥିବା ପ୍ରକଳ୍ପ ତଥା ସେମାନଙ୍କ ନିଜହାତ ପ୍ରସ୍ତୁତ ନମୂନା ଉପରେ ସମର୍ଥନ କରିବା ସହିତ ଏଥିରେ ନିବେଶକାରୀଙ୍କ ଯୋଗଦାନ ତଥା ସାମସଙ୍ଗ ନେତୃତ୍ୱ ମଣ୍ଡଳୀ ଠାରୁ ଦକ୍ଷ ଉପଦେଷ୍ଟା ଏବଂ ଦିଲ୍ଲୀସ୍ଥିତ ଆଇଆଇଟିରୁ ଫାଲକଟି ମାନଙ୍କୁ ଏଥିରେ ସାମିଲ କରାଯାଇଛି। ଅନୁମୋଦିତ ହୋଇଥିବା ଏଭଳି ଏକ ଆକର୍ଷଣକାରୀତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଏହାର ସମାଧାନକୁ ଖୋଜି ବାହାର କରିବା ପାଇଁ ଏଭଳି ପ୍ରତିଯୋଗୀତା କେବଳ ଉତ୍କୃଷ୍ଟତାକୁ ଦେଖାଇଥାଏ ତାହା ନୁହେଁ ଏହା ମଧ୍ୟ ଏ ସମସ୍ତ ଦିଗକୁ ଅତିକ୍ରମ କରି ଆଗକୁ ଯିବା ସହିତ ବିକଳ୍ପ ଭାବରେ ସଠିକ୍ ମାନଦଣ୍ଡ ଥିବା ରୋଜଗାରକ୍ଷମ ପ୍ରକଳ୍ପ ଗୁଡ଼ିକୁ ଆଗକୁ ଆଣି ସମଗ୍ର ଭାରତ ବର୍ଷରେ ରହିଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଏହି କାର୍ଯ୍ୟକ୍ରମଟି ୬ ମାସର ଅବଧି ପର୍ଯ୍ୟନ୍ତ ବିସ୍ତାରିତ ହେବା ସହିତ ୧୪-୨୨ ବର୍ଷ ବର୍ଗର ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର ବୈଷୟିକୀ ଆଗ୍ରହ ବ୍ୟକ୍ତିଗତ ଭାବରେ ଅଥବା ଦଳଗତ ଭାବରେ ଉପସ୍ଥାପନ କରିବା ପାଇଁ ଆମନ୍ତ୍ରଣ କରାଯାଇଛି। ଚ଼ଳିତ ବର୍ଷ ଅଂଶଗ୍ରହଣକାରୀ ମାନଙ୍କୁ ୪ଟି ପ୍ରମୁଖ ପ୍ରସଙ୍ଗ ଉପରେ ସେମାନଙ୍କର ସୃଜନଶୀଳ ସମାଧାନ ବାହାର କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଛି ଯାହା ମଧ୍ୟରେ ରହିଛି – ନିରାପଦ ପାଇଁ ଏଆଇର ବ୍ୟବହାର, ସ୍ଫୁର୍ତିଭରା ଏକ ଭାରତର ଅର୍ନ୍ତଭୁକ୍ତିକରଣ।

# ନକୋଡା ଇଣ୍ଡଷ୍ଟ୍ରିଜ୍ର ସଂପ୍ରସାରଣ ଯୋଜନା

**ଭୁବନେଶ୍ୱର,୩।୫ :** ପ୍ରିମିୟମ୍ ମାନର ତ୍ରୁଟି ଫ୍ରୁଟି (କାଣ୍ଡିଡ୍ ଫ୍ରୁଟ୍ ), ଶୁଖିଲା ଫଳ ଏବଂ ଡିହାଇଡ୍ରେଟେଡ୍ ଫ୍ରୁଟ୍ ସ ଉତ୍ପାଦନ ଓ ରପ୍ତାନି ରେ ନିୟୋଜିତ ନାକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ଏହାର ପ୍ରଡକ୍ଟ ଲାଇନରେ ମିନେରାଲ୍ ୱାଟର, ଏରେଟେଡ୍ ଡ୍ରିଙ୍କ୍ସ ଏବଂ ଅଣ-ମଦ୍ୟପାନ ଭଳି ସାମଗ୍ରୀକୁ ସାମିଲ କରି ପାନୀୟ ଓ ପାନୀୟ କ୍ଷେତ୍ରରେ ରଣନୈତିକ ସମ୍ପ୍ରସାରଣ ଘୋଷଣା କରିଛି। ଏହାର ଅଫରରେ ବିବିଧତା ଆଣିବା ଏବଂ ଏହାର ବଜାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଏକ ବ୍ୟାପକ ରଣନୀତିର ଅଂଶ ବିଶେଷ । ଏହା ଖାଦ୍ୟ ଏବଂ ପାନୀୟ ଶିଳ୍ପରେ କାର୍ଯ୍ୟ କରେ, ଫଳ, ବାଦାମ, ବେକରୀ ସାମଗ୍ରୀ ଏବଂ ବିଭିନ୍ନ କୃଷି ଜାତ ଦ୍ରବ୍ୟ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ଉପରେ ଧ୍ୟାନ ଦିଏ। ଏହାବ୍ୟତୀତ କଂପାନି 'ଏନ୍‌ଓସିଟିଆରଏଲ୍'ରେ ନୂଆ ପାନୀୟ ଉତ୍ପାଦ ଲଂଚ୍ କରିବ। ନାଗପୁରରେ ଥିବା ବ୍ରାଣ୍ଡ୍ ନାମ ରଣନୈତିକ ଭାବରେ ମୁଖ୍ୟାଳୟ – ଭୌଗୋଳିକ ଭାବରେ ଭାରତର ହୃଦୟ ଭାବରେ ସ୍ୱୀକୃତିପ୍ରାପ୍ତ – କମ୍ପାନୀ ନିରବଚ୍ଛିନ୍ନ ଲଜିଷ୍ଟିକ୍ ସୁବିଧାରୁ ଉପକୃତ ହୋଇଥାଏ, ସମଗ୍ର ଦେଶରେ ଦକ୍ଷ ଏବଂ ଠିକ୍ ସମୟରେ ଡେଲିଭରି ସୁନିଶ୍ଚିତ କରେ । ନାକୋଡାସ ମଧ୍ୟପ୍ରାଚ୍ୟ ଏବଂ ୟୁରୋପୀୟ ଦେଶମାନଙ୍କର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ସମଗ୍ର ବିଶ୍ୱରେ ସେମାନଙ୍କପାଦଚିହ୍ନକୁ ପ୍ରଭାବିତ କରିବାକୁ ଚାହୁଁଛି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ